୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.216 Bhubaneswar Friday October 04 2024 | ୨୬ତମ ବର୍ଷ ସଂଖ୍ୟା–୨୧୬ ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୦୪, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ସିଆଇସି ପାଇଁ ବିଜ୍ଞପ୍ତି: କେବେ ପୂରଣ ହେବ ଓଇଆରସି ଅଧ୍ୟକ୍ଷ, ଲୋକାୟୁକ୍ତ ଓ ରାଜ୍ୟ ନିର୍ବାଚନ ଆୟୁକ୍ତ ପଦବୀ




ଭୁବନେଶ୍ୱର,୩।୧୦(ପି.ଏନ): ରାଜ୍ୟ ମୁଖ୍ୟ ସୂଚନା କମିଶନର (ସିଆଇସି) ଜଳଦ କୁମାର ତ୍ରିପାଠୀଙ୍କ କାର୍ଯ୍ୟକାଳ ଆସନ୍ତାକାଲି ଶେଷ ହେଉଛି। ଆଜି ଏହି ପଦବୀ ପୂରଣ ପାଇଁ ରାଜ୍ୟ ସରକାର ବିଜ୍ଞାପନ ଜାରି କରିଛନ୍ତି । ମାତ୍ର ଦୀର୍ଘଦିନ ଧରି ଖାଲି ପଡିଥିବା ଓଡିଶା ବିଦ୍ୟୁତ ନିୟାମକ ଆୟୋଗ(ଓଇଆରସି) ଅଧ୍ୟକ୍ଷ, ଲୋକାୟୁକ୍ତ ଅଧ୍ୟକ୍ଷ ଓ ଏହାର ସମସ୍ତ ସଦସ୍ୟ ଏବଂ ୩ଟି ସୂଚନା କମିଶନର ପଦବୀଗୁଡିକ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିବାରେ ଟାଳଟୁଳ ନୀତି ଆପଣାଇବାରେ ଲାଗିଛନ୍ତି। ସେପଟେ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟକାଳ ମଧ୍ୟ ଅଗଷ୍ଟ ୧୯ ତାରିଖରୁ ଶେଷ ହୋଇସାରିଛି । ତେବେ ଏସବୁ ବୈଧାନିକ ପଦବୀଗୁଡିକ ପୂରଣ ଦିଗରେ ରାଜ୍ୟ ସରକାର କାହିଁକି ପଦକ୍ଷେପ ନେଉନାହାନ୍ତି ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି । ରାଜ୍ୟ ମୁଖ୍ୟ ସୂଚନା କମିଶନର ଜଳଦ କୁମାର ତ୍ରିପାଠୀଙ୍କ କାର୍ଯ୍ୟକାଳ ଆସନ୍ତାକାଲି (ଶୁକ୍ରବାର) ଶେଷ ହେଉଥିବାରୁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆଜି ବିଜ୍ଞାପନ ଜାରି ହୋଇଛି । ଏହି ପଦବୀ ପାଇଁ ନିର୍ଦ୍ଧାରିତ ଫର୍ମାଟରେ ଆବେଦନର ଶେଷ ତାରିଖ ନଭେମ୍ବର ୨ ତାରିଖ ରହିଛି। ରାଜ୍ୟ ସୂଚନା କମିଶନରେ ମୋଟ ୫ଜଣ ସଦସ୍ୟ ଓ ଜଣେ ଅଧ୍ୟକ୍ଷ ରହିବାର ପ୍ରାବଧାନ ଥିବା ସତ୍ତ୍ୱେ ଏବେ ମାତ୍ର ଦୁଇଜଣ ସଦସ୍ୟ ସୁଶାନ୍ତ କୁମାର ମହାନ୍ତି ଓ ଜଗନ୍ନାଥ ରଥ ରହିଛନ୍ତି। ରାଜ୍ୟ ସରକାର ଏବେ ଅଧ୍ୟକ୍ଷ ପଦବୀ ପୂରଣ ପାଇଁ ବିଜ୍ଞାପନ ଜାରି କରିଥିଲେ ମଧ୍ୟ ଖାଲି ପଡିଥିବା ଅନ୍ୟ ୩ଟି ସଦସ୍ୟ ପଦବୀ କାହିଁକି ପୂରଣ କରୁନାହାନ୍ତି ତାହା ଅସ୍ପଷ୍ଟ।

## ଦିଲ୍ଲୀରେ ଆମ୍ବସାଡର୍ ମିଟ ପରେ ଗଣ ମାଧମକୁ କ'ଣ କହିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩।୧୦(ପି.ଏନ): ଦିଲ୍ଲୀରେ ଆମ୍ବସାଡର୍ ମିଟ ପରେ ଗଣ ମାଧମକୁ ବୟାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ କହିଛନ୍ତି ଯେ, କମିଶନର, ହାଇକମିଶନର ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା ହୋଇଛି। ଓଡିଶାରେ ଶିଳ୍ପ ବାତାବରଣ ଏବଂ ପୁଞ୍ଜିନିବେଶ ପାଇଁ ସକରାତ୍ମକ ଆଲୋଚନା ହୋଇଛି। ଏଥିରେ ଆନ୍ତର୍ଜାତିକ ସହଭାଗୀତା ଭିତ୍ତିରେ ଓଡିଶାରେ କିପରି ବିଦେଶୀ ପୁଞ୍ଜି ନିବେଶ ହୋଇ ପାରିବ ଆଜିର ଆଲୋଚନା ଫଳପ୍ରଦ ହୋଇଛି। ମୁଁ ଆଶା କରୁଛି ୨୦୨୫ କନକ୍ଲେଭ ଏକ ସର୍ବବୃହତ୍ତ ଶିଳ୍ପ ସମାବେଶ ଅନୁଷ୍ଠିତ ହେବାକୁ ଯାଉଛି ।'ଏହା ସହ ସେ ପୁଣି କହିଛନ୍ତି ଯେ, ଆଗାମୀ ଦିନରେ ସେମିକଣ୍ଡକ୍ଟର, ଆଇଟି, ଗ୍ରୀନ ଏନର୍ଜି, ପେଟ୍ରୋ କେମିକାଲସ, ଇଲେକ୍ଟ୍ରୋନିକସ, ଫୁଡ ପ୍ରୋସେସିଙ୍ଗ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ହେବାର ସମ୍ଭାବନା ରହିଛି। ଏହା ୨୦୩୬ରେ ସମୃଦ୍ଧ ଓଡିଶା ଏବଂ ୨୦୪୭ ରେ ବିକଶିତ ଓଡିଶା ଗଠନରେ ନିଶ୍ଚିନ୍ତ ସୁଦୃଢ ମୂଳଦୁଆ ପକାଇବ । ଯାହା ପ୍ରଧାନମନ୍ତ୍ରୀ କହିଥିଲେ ପୂର୍ବୋଦୟର ବିକାଶ ହେଲେ ଭାରତର ବିକାଶ ହେବ, ତାହା ସଫଳ ହେବ।ଓଡିଶାର ଯେଉଁ ଡବଲ ଇଞ୍ଜିନ ସରକାର ହୋଇଛି, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଓଡିଶା ଏକ ଶିଳ୍ପ ହବ ରେ ପରିଣତ ହେବାକୁ ଯାଉଛି। ଏଥିନେଇ ନିଶ୍ଚିତ ରୂପରେ ଆମକୁ ଆଜି ଏକ ସଫଳ ସଙ୍କ?ତ ମିଳି ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଆସିଲା କଲରାପତରିଆ ବାଘ ଗଣନା ରିପୋର୍ଟ, ଓଡିଶାରେ ଅଛନ୍ତି ମୋଟ୍ ୬୯୬ କଲରାପତରିଆ

ଭୁବନେଶ୍ୱର,୩।୧୦(ପି.ଏନ): ରାଜ୍ୟର ପ୍ରଥମ କଲରାପତରିଆ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇଛି । ରାଜ୍ୟରେ ବଢିଛି କଲରାପତରିଆ ବାଘଙ୍କ ସଂଖ୍ୟା । ଓଡ଼ିଶାରେ ମୋଟ୍ ୬୯୬ଟି କଲରାପତରିଆ ବାଘ ରହିଥିବା ସୂଚନା ମିଳିଛି । ଟ୍ରାପ କ୍ୟାମେରା ଦ୍ୱାରା ବାଘ ଗଣନା ହୋଇଛି । ଏନଟିସିଏ ରିପୋର୍ଟ ଅନୁସାରେ ୨୦୧୮ରେ ମୋଟ୍ ୭୬୦ କଲରାପତରିଆ ବାଘ ଚିହ୍ନଟ ହୋଇଥିବାବେଳେ ୨୦୨୨ରେ କଲରାପତରିଆ ବାଘ ସଂଖ୍ୟା ୫୬୮ ଥିଲା । ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ସୂଚନା ଦେଇଛନ୍ତି ପିସିସିଏଫ୍ ସୁଶାନ୍ତ ନନ୍ଦ ।ଏନ୍?ଟିସିଏ ଦ୍ୱାରା ଫେବୃଆରୀରେ ପ୍ରକାଶିତ ରିପୋର୍ଟ ଅନୁସାରେ, ୨୦୨୨ରେ ରାଜ୍ୟରେ ୫୬୮ ଓ ୨୦୧୮ରେ ୭୬୦ କଲରାପତରିଆ ବାଘ ଥିଲେ। ତେବେ ପ୍ରଥମଥର ବନ ବିଭାଗ ପକ୍ଷରୁ ନିଜସ୍ୱ କଲରାପତରିଆ ଗଣନା କରାଯାଇଛି। ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା କ୍ୟାମେରାରେ ଉଠିଥିବା ୨୮୪ଟି ବାଘର ଫଟୋ, ଫୁଟ୍? ପ୍ରିଣ୍ଟ୍? ଆଦିରୁ ବାଘସଂଖ୍ୟା ଜଣାପଡ଼ିଥିବା ସୂଚନା ଦିଆଯାଇଛି । ରାଜ୍ୟରେ ମୁଖ୍ୟତଃ ରାୟଗଡା, କନ୍ଧମାଳ, ସମ୍ବଲପୁର, ସୁନ୍ଦରଗଡ ଏବଂ ଅନୁଗୁଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ । ରାଜ୍ୟର ଶିମିଳିପାଳ ଓ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ବହୁ ସଂଖ୍ୟାର କଲରାପତରିଆଙ୍କୁ ସୁହାଇଲା ଭଳି ପରିବେଶ ରହିଛି ।

## ଦୁଷ୍କର୍ମ ଓ ହତ୍ୟା ମାମଲାରେ ପୋଷ୍ଟମର୍ଟମ ରିପୋର୍ଟ ଦେବାକୁ ଲାଗିଲା ବର୍ଷ



ଭୁବନେଶ୍ୱର,୩।୧୦(ପି.ଏନ): ଦୁଷ୍କର୍ମ ଓ ହତ୍ୟା ମାମଲାରେ ପୋଷ୍ଟମର୍ଟମ ରିପୋର୍ଟ ଦେବାକୁ ଲାଗିଲା ବର୍ଷ। ବିଭାଗୀୟ ଡାକ୍ତର ବର୍ଷକ ପରେ ପୁଲିସକୁ ପୋଷ୍ଟମର୍ଟମ ରିପୋର୍ଟ ଦେଲେ। ବିଳମ୍ବିତ ରିପୋର୍ଟକୁ ନେଇ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି ଉଦ୍‌ବେଗ ପ୍ରକାଶ କଲେ କ୍ରାଇମବ୍ରାଞ୍ଚ ଆଇଜି। ସଂପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠିରେ ନିବେଦନ କଲେ କ୍ରାଇମବ୍ରାଞ୍ଚ ଆଇଜି। କ୍ରାଇମବ୍ରାଞ୍ଚ ଆଇଜି ଲେଖିଥିବା ଚିଠିରେ ଦର୍ଶାଯାଇଛି, ମୟୂରଭଞ୍ଜ ଜିଲ୍ଲାରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଥିଲା। ୨୦୨୨ ଅକ୍ଟୋବର ୩ ତାରିଖରେ ବାଦାମପାହାଡ ଥାନା ଅଞ୍ଚଳରେ ଏହି ବର୍ବରତା ଘଟଣା ଘଟିଥିଲା। ପୁଲିସ୍ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପାଇଁ ପଠାଇ ଦେଇଥିଲା। ରାଇରଙ୍ଗପୁର ମେଡିକାଲ୍ ଅଧିକାରୀ ଡାକ୍ତର ସବିତା ମହାନ୍ତ ମହିଳା ଶବ ବ୍ୟବଚ୍ଛେଦ କରି ୨୦୨୩ ମସିହା ସେପ୍ଟେମ୍ବର ୨୦ ତାରିଖରେ ରିପୋର୍ଟ ଦେଇଥିଲେ। ଅର୍ଥାତ ବ୍ୟବଚ୍ଛେଦ ପାଇଁ ଏକ ବର୍ଷ ସମୟ ଲାଗି ଯାଇଥିଲା। ଯାହାକୁ ନେଇ କ୍ରାଇମବ୍ରାଞ୍ଚ ଆଇଜି କ୍ଷୋଭ ପ୍ରକାଶ କରିଛନ୍ତି। ଏଭଳି ଡାକ୍ତରଙ୍କ କାର୍ଯ୍ୟ ଦକ୍ଷତା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯାଉ ଆଇଜି ରିପୋର୍ଟରେ ଦର୍ଶାଇଛନ୍ତି।

## ଆହାର କେନ୍ଦ୍ରରେ ଲୋକଙ୍କ ସହିତ ଖାଇଲେ ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର,୩।୧୦(ପି.ଏନ): ଆହାର କେନ୍ଦ୍ରରେ ଖାଇବା ପାଇଁ ଧାଡିରେ ଛିଡା ହୋଇ ଟୋକନ୍ କଲେ। ଟୋକନ୍ ନେଇ ଲୋକଙ୍କ ସହିତ ଖାଇଲେ। ଆଉ ସୁଖ ଓ ଦୁଃଖ ପଚାରି ବୁଝିଲେ। ସମାଧାନ ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସମ୍ବଲପୁର ଥାଉନ୍‌ରେ ଦେଖିବାକୁ ମିଳିଛି ଏପରି ଚିତ୍ର। ମନ୍ତ୍ରୀଙ୍କ ଏପରି ଆନ୍‌ଦାଜ ଦେଖି ଲୋକେ ତାଜୁବ୍। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ସମ୍ବଲପୁର ଗସ୍ତରେ ଯାଇଥିଲେ। ସେ ମହିଳା ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ଜେଲ୍ ରୋଡ୍‌ରେ ଥିବା ଆହାର କେନ୍ଦ୍ରକୁ ଯାଇଥିଲେ। ସାଥୀରେ ଥିଲେ ନିଜ କର୍ମଚାରୀ। ଶ୍ରୀ ପୂଜାରୀ ଲୋକଙ୍କ ସହିତ ଧାଡିରେ ଛିଡା ହୋଇ ଟୋକନ୍ କାଟି ଥିଲେ। ସେ ନିଜ ପାଇଁ ଓ ନିଜ ସାଥୀମାନଙ୍କ ପାଇଁ ଟୋକନ କାଟିଥିଲେ। ପରେ ଟୋକନ୍ ଧରି ଖାଦ୍ୟ ଖାଇବା ପାଇଁ ଛିଡା ହୋଇଥିଲେ। ତା'ପରେ ଭାତ ଥାଳି ଧରି ଡାଇନିଂ ଟେବୁଲ୍ ପାଖକୁ ଯାଇ ଖାଇଥିଲେ। ଭାତ ସାଙ୍ଗକୁ ଡାଲ୍‌ମା ଓ ଆଚାର ଖାଇବା ପାଇଁ ଦିଆଯାଇଥିଲା।

## ପାର୍ବଣରେ ବାଜିବ ଡିଜେ; କିନ୍ତୁ ଧୀରେ



ଭୁବନେଶ୍ୱର,୩।୧୦(ପି.ଏନ): ପାର୍ବଣ ଋତୁରେ କଟକ ମହାନଗରରେ ଡିଜେ ବାଜିବ। କିନ୍ତୁ ଧୀରେ ବାଜିବ। ଅର୍ଥାତ ୬୫ ଡେସିବଲଠାରୁ ଅଧିକ ଜୋରରେ ଡିଜେ ବାଜି ପାରିବ ନାହିଁ। ଏଥିସହ କଟକ ରାସ୍ତାଘାଟ ମରାମତି ନେଇ ଅସନ୍ତୋଷ ଝାଡିଛନ୍ତି ଓଡିଶା ହାଇକୋର୍ଟ। ଦଶହରା ପୂର୍ବରୁ ବନ୍ଦ ଓ ଅଚଳ ହୋଇ ପଡିଥିବା ସମସ୍ତ ଷ୍ଟ୍ରିଟ୍ ଲାଇଟ ମରାମତି କରିବା ପାଇଁ କୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି।କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟର ମରାମତି ପ୍ରସଙ୍ଗରେ କଟକ ମହାନଗର ନିଗମ(ସିଏମସି) ଉପରେ ବର୍ଷିଛନ୍ତି ଓଡିଶା ହାଇକୋର୍ଟ। ଭୁଲ ରିପୋର୍ଟ ଦେଲେ ଅଦାଲତ ଅବମାନନା ମାମଲାର ସାମ୍ନା କରିବାକୁ ପଡିବ ବୋଲି କୋର୍ଟ ସିଏମସି କର୍ତ୍ତୃପକ୍ଷଙ୍କୁ ଚେତାବନୀ ଶୁଣାଇଛନ୍ତି। କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ମୁତାବକ ଏକାଧିକ ୱାର୍ଡରେ ରାସ୍ତାଘାଟରୁ ମରାମତି କାମ ଶେଷ ହୋଇନାହିଁ। ଆସନ୍ତା ଏକ ସପ୍ତାହ ମଧ୍ୟରେ ସଠିକ ଭାବରେ ସମସ୍ତ ରାସ୍ତାଘାଟର ମରାମତି କାମ ଶେଷ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଇଫକୋର ନୂତନ ୟୁନିଟ୍ ହେଡ୍ ହେଲେ ପି.କେ.ମହାପାତ୍ର

ପାରାଦୀପ,୩।୧୦(ପି.ଏନ): ପାରାଦୀପଠାରେ ଥିବା ବିଶ୍ୱର ବୃହତମ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋର ନୂତନ ୟୁନିଟ୍ ହେଡ୍ ଭାବେ ଦାୟିତ୍ୱ ନେଇଛନ୍ତି ଇଂ. ପି.କେ.ମହାପାତ୍ର । ୧୯୮୯ ମସିହାରେ ଆରଇସି, ରାଉରକେଲାରୁ ମେକାନିକାଲ୍ ଇଂଜିନିୟର ଭାବେ ଶିକ୍ଷା ସମାପ୍ତ କରିବା ପରେ ସାର ଶିଳ୍ପରେ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି । ଇଫକୋ ସହିତ ତାଙ୍କର ଦୀର୍ଘ ୧୮ ବର୍ଷର ସମ୍ପର୍କ ରହିଛି। ଇଫକୋ ପାରାଦୀପ ୟୁନିଟ୍‌ର ମୁଖ୍ୟ ଭାବେ ଦାୟିତ୍ୱ ନେବା ପରେ ତାଙ୍କ ଅଭିଜ୍ଞତା, ଦକ୍ଷତା, ଅନୁଭବ ଏହି ବୃହତ୍ତର ସାର ଉତ୍ପାଦନକାରୀ ସଂସ୍ଥା ପାରାଦୀପ ୟୁନିଟ୍ କୁ ସଫଳତାର ଶୀର୍ଷରେ ପହଂଚାଇବେ ବୋଲି ଇଫକୋର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି ।

## ଏଥର ୪ ଦିନ ପାଳିତ ହେବ ପଞ୍ଚୁକ, ଏହି ଦିନ ପଡିବ ବଡଓଷା

ଭୁବନେଶ୍ୱର,୩।୧୦(ପି.ଏନ): ପଞ୍ଚୁକମାନେ ସାଧାରଣତଃ ୫ ଦିନ ହିସାବ କରାଯାଇଥାଏ । କିନ୍ତୁ ଚଳିତ ବର୍ଷ ୪ଦିନ ପାଳନ ହେବ ପଞ୍ଚୁକ ବ୍ରତ । ପ୍ରସିଦ୍ଧ ବାବା ଧବଳେଶ୍ୱରଙ୍କ ପୀଠରେ କାର୍ତ୍ତିକ ବ୍ରତ ଏବଂ ବଡଓଷା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ଆଜି କଟକ ଜିଲ୍ଲାପାଳ ଦତ୍ତୋତ୍ରେୟ ଭାଉସାହେବ ସିନ୍ଧଙ୍କ ଅଧ୍ୟକ୍ଷତାରେ ଆଜି ବୈଠକ ବସିଥିଲା । ତେବେ କାର୍ତ୍ତିକ ବ୍ରତ ଅକ୍ଟୋବର ୧୮ ତାରିଖରୁ ଆରମ୍ଭ ହୋଇଥିବା ବେଳେ ନଭେମ୍ବର ୧୫ ତାରିଖ ଏହି ବ୍ରତ ପାଳନ ହେବା ନେଇ ନିଷ୍ପତ୍ତି ହୋଇଛି ।ତେବେ ପଞ୍ଚୁକ ବ୍ରତ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି । ନଭେମ୍ବର ୧୨ ତାରିଖରୁ ନଭେମ୍ବର ୧୫ ତାରିଖ ଯାଏଁ ଅର୍ଥାତ ୪ ଦିନ ପଞ୍ଚୁକ ବ୍ରତ ପାଳନ କରାଯିବ । ନଭେମ୍ବର ୧୩ ତାରିଖରେ ଧବଳେଶ୍ୱରଙ୍କ ପୀଠରେ ବଡଓଷା ପାଳନ ହେବ । ୧୩ ତାରିଖ ମଧ୍ୟରାତ୍ରିରେ ଧବଳେଶ୍ୱରଙ୍କ ନିକଟରେ ପ୍ରସିଦ୍ଧ ଗଜଭୋଗ ଏବଂ ତୋରଣ ଲାଗିହେବ । ବଡଓଷାରେ ବଡସିଂହାର ବେଶରେ ଦର୍ଶନ ଦେବେ ବାବା ଧବଳେଶ୍ୱର । ଏହାପରେ ୧୪ ତାରିଖ ଭୋରରୁ ଶ୍ରଦ୍ଧାଳୁଙ୍କ ପାଇଁ ଗଜଭୋଗ ବିତରଣ ହେବ । ଅନ୍ୟପଟେ ୧୫ ତାରିଖରେ କାର୍ତ୍ତିକ ବ୍ରତ ସମ୍ପୂର୍ଣ୍ଣ ହେବା ସହିତ ବୋଇତ ଭସାଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ବିଜେଡି ଖାଲି ହେବ ବୟାନକୁ ନେଇ ବିଜେଡି ପ୍ରତିକ୍ରିୟାଶୀଳ



ଭୁବନେଶ୍ୱର,୩।୧୦(ପି.ଏନ): ଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ବିଜେଡ଼ି ଫାଙ୍କା ହେଇଯିବା ମନ୍ତବ୍ୟ ପରେ ରାଜ୍ୟ ରାଜନୀତିରେ ଦେଖାଦେଇଛି ଉଷ୍ଣତା । ବିଜେପି ନେତା ଏଥିରେ ଉତ୍ସାହିତ ହୋଇଥିବା ବେଳେ ବିଜେଡି ନେତା ହୋଇଛନ୍ତି ପ୍ରତିକ୍ରିୟାଶୀଳ । କିଏ ବିଜେଡିକୁ ଖାଲି କରିବାକୁ ଚ୍ୟାଲେଞ୍ଜ କରିଛନ୍ତି ତ ପୁଣି କିଏ କହୁଛନ୍ତି ଦିବା ସ୍ୱପ୍ନ ।ସାମଲଙ୍କୁ ବିଜେଡି ବିଧାୟକ ବଦ୍ରି ପାତ୍ର ଦେଇଛନ୍ତି ଖୋଲା ଚ୍ୟାଲେଜ । ଯଦି ତାକତ ଅଛି ତେବେ ବିଜେଡି ଖାଲି କରିକି ଦେଖାଅ । ବୟାନ ବାଜିରେ କିଛି ଲାଭ ନାହିଁ । କିଏ କହିଲେ କଣ କାହା ମୁହଁରେ ହାତ ଦେଇ ହେବକି ? କେଉଁ ଆଧାରରେ ମନ ମୋହନ ସାମଲ କହିଲେ ଏମିତି ବୋଲି ବଦ୍ରୀ ପ୍ରଶ୍ନ କରିବା ସହ ବିଜେଡି ଭାରତ ବର୍ଷର ଏକ ବଡ ଆଞ୍ଚଳିକ ଦଳ । ଏ ଭାଡ଼ି ଖାଲି କରିବାର ତାକତ ଅଛି କି ବୋଲି ପଚାରିଛନ୍ତି ?ସେହିପରି ସାମଲଙ୍କୁ କଡା ସମାଲୋଚନା କରିଛନ୍ତି ଗଣେଶ୍ୱର ବେହେରା। ବେହେରା କହିଛନ୍ତି, ଏହା ମୁଙ୍ଗେରି ଲାଲ୍ କେ ହସିନ ସପ୍‌ନେ ପରି । ୨ ଜଣ ବିଜେଡ଼ି ରାଜ୍ୟସଭା ସାଂସଦଙ୍କୁ ଅପହରଣ କରି ସେମାନେ ଯେଉଁ ଉଲ୍ଲସିତ ହେଉଛନ୍ତି ସେ ଉଲ୍ଲାସ ଅଳ୍ପଦିନ ପାଇଁ । ତାହା ହିଁ ପ୍ରମାଣିତ ହେବ। ଆଗକୁ ଆହୁରି ଗଣେଶ୍ୱର କହିଛନ୍ତି, ଯିଏ ଯୋଦ୍ଧା ସେ ସବୁବେଳେ ପ୍ରସ୍ତୁତ। ବବି ଦାସ ଜଣେ ଅନୁଭବୀ ଯୋଦ୍ଧା। ସଫଳ ଯୋଦ୍ଧା। ଗୋଟିଏ ପରାଜୟରେ ଜଣଙ୍କ ସଫଳତା କେବେ ନ୍ୟୁନ ହୁଏନି। ସୁତରାଂ ସେ କହିଥିଲେ, ସେ ଲଢିବା ପାଇଁ ପ୍ରସ୍ତୁତ । ଲଢିବା ମାନେ ନୁହଁ ଯେ ନିର୍ବାଚନ ଲଢିବା। ଜନତାଙ୍କ ସ୍ୱାର୍ଥ ରକ୍ଷା ପାଇଁ ମଧ୍ୟ ନେତା ଲଢିଥାନ୍ତି ବୋଲି କହିଛନ୍ତି ଗଣେଶ୍ୱର୍ର ।

## ବବିଙ୍କ ଯାଜପୁର ବିକାଶ ବୟାନ ଉପରେ ଧୋଇଲେ ବଡଚଣା ବିଧାୟକ

ଭୁବନେଶ୍ୱର,୩।୧୦(ପି.ଏନ): ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାଶ ବିଜେଡି ଜନସମ୍ପର୍କ ପଦଯାତ୍ରାରେ ଦେଇଥିବା ବୟାନ ରାଜ୍ୟ ରାଜନୀତିକୁ ସରଗରମ କରିଦେଇଛି । ପୁଣି ସେ ଯାଜପୁରର ନେତୃତ୍ୱ ନେବେ ବୋଲି କହିଥିବା ବୟାନକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ତମ୍ବିତୁଫାନ । ଯାହାକୁ ନେଇ ଆଜି ବିଜେପି ବବିଙ୍କୁ କରିଛି ତାତ୍ସଲ୍ୟ । ସମ୍ବଲପୁରରେ ନିର୍ବାଚନ ଲଢି ହାରିଛନ୍ତି । ଏବେ ଯାଜପୁରରେ କଣ କରିବେ ତାକୁ ନେଇ କାଉଣ୍ଟର ଆଟାକ କରିଛନ୍ତି ବଡଚଣା ବିଧାୟକ ଅମର ନାୟକ ।ଅମର କହିଲେ ସମ୍ବଲପୁରରେ ଲଢ଼ିଥିଲେ ରେଜଲ୍ଟ ବି ପାଇଛନ୍ତି। ତାଙ୍କ ଦଳର ଆଭ୍ୟନ୍ତରଣ ବ୍ୟାପାର ବିଧାୟିକା ଛାଡିବେ କି ଆଠଗଡ଼ ପରି ରଖିବେ ସେ ଜାଣିଥିବେ। ଯାଜପୁର ଜିଲ୍ଲାରେ ବିଜେପିର କେମିତି ପ୍ରଦର୍ଶନ ଥିଲା ସମସ୍ତେ ଦେଖିଛନ୍ତି। ଦୁଇଟି ସ୍ଥାନରେ ଦଳ ହାରିବାକୁ ନେଇ ଅମର କହିଛନ୍ତି କି, ପ୍ରଶାସନିକ ତ୍ରୁଟି ପାଇଁ ଆମ ଦଳ ପରାଜୟ ବରଣ କରିଛି । ସେହିପରି ବବି ବାରମ୍ବାର ଯାଜପୁର ବିକାଶ କରିଥିବା କଥା କହିବା ସହ ବିକାଶ ପାଇଁ ସମାଲୋଚିତ ହୋଇଥିବା କହିଥିଲେ । ଯେତେ ସମାଲୋଚିତ ହେଲେ ମଧ୍ୟ ସେ ଯାଜପୁରର ବିକାଶ କରିବେ ବୋଲି କହିଥିଲେ । ଯାହାକୁ ନେଇ ଅମର ପଚାରିଛନ୍ତି, ଯଦି ଯାଜପୁରର ବିକାଶ କରିଛନ୍ତି, ତେବେ ଏତେ କମ ବ୍ୟବଧାନରେ ତାଙ୍କ ବିଧାୟିକା କେମିତି ଜିତିଲେ ଅନ୍ୟପକ୍ଷରେ ୪ ମାସ ପରେ ମଧ୍ୟ ବବି ଦୁର୍ନୀତି କରୁଥିଲେ ତାଙ୍କୁ କାହିଁ ବନ୍ଧା ଯାଉନାହିଁ ବୋଲି କରିଥିବା ପ୍ରଶ୍ନର ଉତ୍ତରରେ ବଡଚଣା ବିଧାୟକ କହିଛନ୍ତି, ଦୁର୍ନୀତି ବିରୁଦ୍ଧରେ ସରକାର ନୀତିଗତ ନିଷ୍ପତ୍ତି ନେଉଛନ୍ତି । ଏତେ ବ୍ୟସ୍ତ ହେଲେ କଣ ହେବ। ଆଗକୁ ବହୁତ୍ କିଛି ହେବ । କ୍ଷମତାରୁ ଦୂରେଇବାର ମାତ୍ର ତିନି ମାସରେ ଏତେ ବ୍ୟସ୍ତ ବିବ୍ରତ ହୋଇପଡୁଛନ୍ତି। ଦୁର୍ନୀତି ହୋଇଛି କି ନ ହୋଇଛି ଲୋକଙ୍କ ରାୟ ସ୍ପଷ୍ଟ କରିଛି । ପ୍ରଶାସନିକ ପେଞ୍ଚ ପାଇଁ ଆମେ ଯାଜପୁର ବିଧାନସଭା ଆସନ ହରାଇଛୁ। ବବିଙ୍କ ବିକାଶରେ ଯଦି ଲୋକେ ତାଙ୍କୁ ଚାହୁଁଥିଲି ତେଏଥିସହ ସେ ସମ୍ବଲପୁରରେ ବ୍ୟସ୍ତ ରହିବା କାରଣରୁ ଯାଜପୁର ଆସି ପାରି ନଥିବାକୁ ନେଇ ଅମର କହିଛନ୍ତି କି, କିଏ କହିଲା ସେ ଆସୁନଥିଲେ । ସେ ଆସନ୍ତୁ ଅବା ନ ଆସନ୍ତୁ କିନ୍ତୁ ଲୋକ ତ ଜାଣିଥିଲେ ଯାଜପୁର ତାଙ୍କ ଆସନ । ଦଳକୁ କାହିଁକି ଭଲ ମେଜରିଟି ଭୋଟ ମିଳିଲା ନାହିଁ। ଲୋକ ଏତେ ବୋକା ନାହାନ୍ତି। ସେଥିପାଇଁ ନବୀନ ବାବୁ କଣ୍ଟାବାଞ୍ଜିରେ ଲଢ଼ିଥିଲେ ବି ପରାସ୍ତ ହୋଇଛନ୍ତି । ଓଡ଼ିଶାବାସୀ ଆଉ ବୋକା ନାହାନ୍ତି। ଉଚିତ୍ ଜବାବ ଦେଇଛନ୍ତି ଆଗକୁ ମଧ୍ୟ ଦେବେ। ବିଜେପି ଲଢେଇ ଓ ସଂଗ୍ରାମ କରିକି ବିଜୟ ହାସଲ କରିଛି। ଆଗକୁ ଯେତେ ନିର୍ବାଚନ ହେବ ବିଜେପି ବିଜୟୀ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ଅମର ନାୟକ ।ବେ କେମିତି ତାଙ୍କ ନେତ୍ରୀ ମାତ୍ର ଦୁଇ ହଜାର ଭୋଟରେ ଜିତିଛନ୍ତି ?

## ଦୁର୍ଗାପୂଜାରେ ମହାବାତ୍ୟା ! ଅକ୍ଟୋବରରେ କାହିଁକି ହୁଏ

ଭୁବନେଶ୍ୱର,୩।୧୦(ପି.ଏନ): ଅକ୍ଟୋବର ମାସ ଆସିଲେ ଲୋକେ ଯେତିକି ଖୁସି ହୁଅନ୍ତୁ ତାହାଠାରୁ ଅଧିକ ଭୟ କରିଥାନ୍ତି । ଏହି ମାସରେ ମା ଜଗତଜନନୀ ଧରାବତରଣ କରୁଥିବା ବେଳେ ପୂଜା ସମୟରେ ଅନେକ ବାତ୍ୟାର ସାମ୍ନା କରିଛନ୍ତି ଓଡିଶାବାସୀ । ଅକ୍ଟୋବର ମାସରେ ଲଘୁଚାପ ସୃଷ୍ଟି ହେଲେ ମଧ୍ୟ ଲୋକେ ଭାବନ୍ତି ଏହା ବାତ୍ୟାର ରୂପ ନେବ । ତେବେ ଆପଣ ଜାଣିଛନ୍ତି କି ପ୍ରତ୍ୟେକ ଥର ଦୁର୍ଗାପୂଜାରେ କାହିଁକି ହୁଏ ବାତ୍ୟା ? ପ୍ରଥମଥର କରି ୧୯୯୯ ମସିହାରେ ଓଡିଶା ଦେଖିଥିଲା ଭୟଙ୍କର ମହାବାତ୍ୟା । ଏହାପରେ ୨୦୧୩ ମସିହାରେ ତାଣ୍ଡବ ରଚିଥିଲା ଫାଇଲିନ୍ । ଏହାର ପରବର୍ତ୍ତି ବର୍ଷ ୨୦୧୪ ମସିହାରେ ହୋଇଥିଲା ବାତ୍ୟା ହୁଡହୁଡ । ଅନ୍ୟପଟେ ୨୦୧୮ ମସିହାରେ ଦାନା ବାନ୍ଧିଥିଲା ତିତଲି । ୨୦୧୯ରେ ଫନି ଏବଂ ୨୦୨୦ ମସିହାରେ ୫ଟି ବାତ୍ୟା ହୋଇଥିଲା । ଅମ୍ଫାନ, ୟଶ, ଗୁଲାବ, ବୁଲବୁଲ ଏବଂ ଜୱାଦ ।୧୯୯୯ ମହାବାତ୍ୟା ଶୁଣିଲେ ଆଜି ମଧ୍ୟ ଲୋକେ ଭୟ କରିଥାନ୍ତି । ଅନେକ ଲୋକ ପ୍ରାଣ ହରାଇଥିବା ବାଳେ ଅନେକ ଜନଜୀବନ ମଧ୍ୟ ଯାଇଥିଲା । ତେବେ ଏଠାରେ ପ୍ରଶ୍ନ ଉଠେ କାହିଁକି ଏହି ମାସରେ ହିଁ ବାତ୍ୟା । ତେବେ ଏକ ରିପୋର୍ଟ ଅନୁସାରେ, ଅକ୍ଟୋବର ମାସ ବାତ୍ୟା ପାଇଁ ଅନୁକୂଳ ହୋଇଥାଏ । ଏକଥା ଭାରତୀୟ ପାଣିପାଗ ବିଜ୍ଞାନୀମାନେ ମଧ୍ୟ ସ୍ପଷ୍ଟ କରିଛନ୍ତି । ବଙ୍ଗୋପସାଗରରେ ବାତ୍ୟା ଦାନା ବାନ୍ଧୁଥିବା ବେଳେ ସ୍ଥଳଭାଗ ଛୁଏଁ ବାତ୍ୟା । ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅକ୍ଟୋବର ମାସରେ ଲେଉଟିଥାଏ । ସେଥିପାଇଁ ଏହି ମାସରେ ବାତ୍ୟା ଆସିଥାଏ ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ପାକିସ୍ତାନ ରାଜନୀତିରେ ନୂଆମୋଡ

ଏହା ନିଶ୍ଚିତ ଯେ, ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଯେ କି ସାତ ମାସ ତଳେ କ୍ଷମତାଚ୍ୟୁତ ହୋଇଥିଲେ, ଗତ ସପ୍ତାହରେ ଏକ ଶୋଭାଯାତ୍ରାରେ ଯିବାବେଳେ ତାଙ୍କ ଉପରେ ଗୁଳିମାଡ ଘଟଣା ଅଭ୍ୟାସଗତ ବିଶୃଙ୍ଖଳିତ ପାକିସ୍ତାନର ରାଜନୀତି ଏବେ ଏକ ନୂତନ ମୋଡ ନେଇଛି ବୋଲି କୁହାଯାଇପାରିବ। ଗୁଳିମାଡରୁ ଇମ୍ରାନ ଖାଁ ଅଳ୍ପକେ ବର୍ତିଯାଇଥିବା ବେଳେ ତାଙ୍କ ଗୋଡରେ ୪ଟି ଗୁଳି ବାଜିଛି। ଏହି ଗୁଳିକାଣ୍ଡରେ ଦଳ ପାକିସ୍ତାନ ତେହେରିକ୍ ଇ ଇନସାଫ (ପିଟିଆଇ)ର ଜଣେ କର୍ମୀ ମୃତ୍ୟୁବରଣ କରିଛନ୍ତି। ଅବଶ୍ୟ ସୁରକ୍ଷାକର୍ମୀମାନେ ଗୁଳିମାଡ କରିଥିବା ଦୁର୍ବୃତ୍ତକୁ ଗିରଫ କରିଛନ୍ତି। ତେବେ ସେ କାହିଁକି ଇମ୍ରାନଙ୍କ ଉପରେ ଗୁଳି ଚଳାଇଥିଲା, ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଏହି ଗୁଳିକାଣ୍ଡ ଯେ ଇମ୍ରାନଙ୍କୁ ହତ୍ୟା କରିବା ପାଇଁ ଉଦ୍ଦିଷ୍ଟ ଥିଲା, ଏହା ନିଃସନ୍ଦେହରେ କୁହାଯାଇପାରେ। ତେବେ ଗୁଳିକାଣ୍ଡ ଘଟଣା ପରେ ଚିକିତ୍ସିତ ହେଉଥିବା ଶଯ୍ୟାରୁ ସେ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ତାହା ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ପ୍ରଥମ ଥର ପାଇଁ ଦେଶର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରଭାବଶାଳୀ ନେତା ଭାବେ ଇମ୍ରାନ ତାଙ୍କୁ ହତ୍ୟା କରିବା ପାଇଁ ସେନାମୁଖ୍ୟ ଓ ପ୍ରଧାନମନ୍ତ୍ରୀଙ୍କର ଏକ ଷଡଯନ୍ତ୍ର ବୋଲି କହିଛନ୍ତି। କହିବା ବାହୁଲ୍ୟ ଯେ, ପ୍ରଥମ ଥର ପାଇଁ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଖୋଲାଖୋଲି ଭାବେ ପାକିସ୍ତାନର ସେନାମୁଖ୍ୟଙ୍କୁ ଟାର୍ଗେଟ କରିଛନ୍ତି। ପାକିସ୍ତାନ ଶାସନ ବ୍ୟବସ୍ଥାରେ ଏହା ଏକ ବିରଳ ଘଟଣା। ଏହା ସତ୍ୟ ଯେ, ପାକିସ୍ତାନ ରାଜନୀତିରେ ୪-ଏ ଅର୍ଥାତ୍ ଆର୍ମି, ଆଲ୍ଲା, ଆମେରିକା ଏବଂ ଆତଙ୍କବାଦୀ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ଯେଉଁଥିପାଇଁ ଭାରତ ଯେଉଁଦିନ ସ୍ୱାଧୀନ ହୋଇଥିଲା, ତାର ମାତ୍ର କିଛି ଘଂଟା ପୂର୍ବରୁ ପାକିସ୍ତାନ ସ୍ୱାଧୀନ ହୋଇଥିବା ବେଳେ ଗତ ୭୫ବର୍ଷ ମଧ୍ୟରେ ସେ ଦେଶରେ ଅର୍ଦ୍ଧାଧିକ ବର୍ଷ କେବଳ ସାମରିକ ଶାସନ କବ୍‌ଜାରେ ରହିଥିଲା। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ କୌଣସି ସରକାର ପୂର୍ଣ୍ଣ ୫ ବର୍ଷ କ୍ଷମତାରେ ରହିପାରିନାହାଁନ୍ତି। ଇମ୍ରାନଙ୍କ ନେତୃତ୍ୱରେ ତାଙ୍କ ଦଳ ପାର୍ଲିଆମେଂଟ ନିର୍ବାଚନରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି କ୍ଷମତାସୀନ ହୋଇଥିଲେ ମଧ୍ୟ ଦଳୀୟ ସାଂସଦଙ୍କ ବିଦ୍ରୋହ ତଥା ଦଳର ବିଭାଜନ ଯୋଗୁଁ ସେ କ୍ଷମତାଚ୍ୟୁତ ହୋଇଛନ୍ତି। କ୍ଷମତାଚ୍ୟୁତ ହେବା ପରେ ପ୍ରଥମ ନେତା ଭାବେ ସେ ଆର୍ମି, ଆମେରିକା ବିରୁଦ୍ଧରେ ବିଷୋଦ୍‌ଗାର କରିବା ସହ ଭାରତର ଗଣତନ୍ତ୍ର ଏବଂ ବିଭିନ୍ନ ନୀତିକୁ ଖୋଲାଖୋଲି ଭାବେ ପ୍ରଶଂସା କରିଛନ୍ତି। ଆହୁରି ମଧ୍ୟ ତାଙ୍କ ସରକାର କ୍ଷମତାଚ୍ୟୁତ ହୋଇଥିବା ଏବଂ ତାଙ୍କ ବିରୁଦ୍ଧରେ ଗୁରୁତର ଦୁର୍ନୀତି ଅଭିଯୋଗ କରାଯାଇଥିବା ସତ୍ୱେ ପାକିସ୍ତାନ ତେହେରିକ୍ ଇ-ଇନସାଫ (ପିଟିଆଇ) ଉପନିର୍ବାଚନରେ ୮ଟି ଆସନ ମଧ୍ୟରେ ୭ଟିରେ ବିଜୟ ଲାଭ କରିବା ତାଙ୍କ ଲୋକପ୍ରିୟତାର ସଂକେତ ଅକ୍ଷୁର୍ଣ୍ଣ ଥିବା ପ୍ରମାଣିତ କରୁଛି। ଦେଶରେ ସାଧାରଣ ନିର୍ବାଚନ ହେଲେ, ତାଙ୍କ ଦଳ ପୁଣି କ୍ଷମତାସୀନ ହେବାର ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇ ପାରେ। ଅନ୍ୟପକ୍ଷରେ ଇମ୍ରାନଙ୍କୁ ହତ୍ୟା ଷଡଯନ୍ତ୍ର ଅଭିଯୋଗକୁ ସେନାମୁଖ୍ୟ ଜେନେରୋଲ ବାଜଓ୍ୱା ଓ ପ୍ରଧାନମନ୍ତ୍ରୀ ସରିଫ ଖଣ୍ଡନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ମାସ ଶେଷରେ ଜେ ବାଜଓ୍ୱା ଅବସର ଗ୍ରହଣ କରୁଛନ୍ତି। ପାକିସ୍ତାନ ସ୍ୱାଧୀନ ହେବାଠାରୁ ଯେତେସବୁ ପ୍ରଧାନମନ୍ତ୍ରୀ ନିଜର ଅନ୍ତରଙ୍ଗ ତଥା ବିଶ୍ୱସ୍ତ ସେନା ଅଫିସରଙ୍କୁ ଅଯାଚିତ ପଦୋନ୍ନତି ଦେଇ ସେନାମୁଖ୍ୟ ପଦବୀରେ ଅବସ୍ଥାପିତ କରିଛନ୍ତି, ସେହି ପ୍ରଧାନମନ୍ତ୍ରୀମାନେ ନିଜର ବିଶ୍ୱସ୍ତ ସେନାମୁଖ୍ୟଙ୍କ ଦ୍ୱାରା ଗାଦିଚ୍ୟୁତ ହୋଇଥିବା ବହୁ ନଜିର ରହିଛି। ପାକିସ୍ତାନ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଜୁଲିଫଙ୍କର ଅଲ୍ଲୀ ଭୁଟ୍ଟୋ ନିଜର ବିଶ୍ୱସ୍ତ ଜେନେରାଲ ଜିଆଉଲ୍ ହାକିଙ୍କୁ ଅଯାଚିତ ପଦୋନ୍ନତି ଦେଇ ସେନା ଭାବେ ଅବସ୍ଥାପିତ କରିଥିଲେ। ହକ୍ ତାଙ୍କୁ ସାମରିକ ବିଦ୍ରୋହ ଦ୍ୱାରା ଗାଦିଚ୍ୟୁତ କରି ଏକ ହତ୍ୟା ମାଲାରେ ଅଭିଯୁକ୍ତ କରି ଫାଶୀଖୁଂଟରେ ଝୁଲାଇଥିଲେ। ସେହିପରି ନଓ୍ୱାଜ ସରିଫ ନିଜର ବିଶ୍ୱସ୍ତ ଜେନେରାଲ ପରଭେଜ ମୁସାରଫଙ୍କୁ ଅଯାଚିତ ଅନୁଗ୍ରହ ଦେଖାଇ ସେନାମୁଖ୍ୟ କରିଥିଲେ। ଜେ ମୁସାରଫ୍ ସାମରିକ ବିଦ୍ରୋହରେ ସରିଫଙ୍କୁ ବନ୍ଦୀ କରିବା ସହ ରାଜଦ୍ରୋହ ଅଭିଯୋଗରେ ପ୍ରଥମେ ଫାଶୀଦଣ୍ଡ ଦେଇଥିଲେ। ପରେ ତାଙ୍କୁ କୋହଳ କରି ସରିଫଙ୍କୁ ନିର୍ବାଚନ ଦଣ୍ଡ ଦେଇଥିଲେ। ପୂର୍ବରୁ ମଧ୍ୟରୁ ଯାହିଆ ଖାଁ, ସେନା ମଧ୍ୟରୁ ସାମରିକ ବିଦ୍ରୋହ ବଳରେ ଦେଶର ରାଷ୍ଟ୍ରପତି ହୋଇ ପାର୍ଲିଆମେଂଟକୁ ଅକାମୀ କରିଦେଇଥିଲେ। ତେବେ ଦେଶର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଗାଦିଚ୍ୟୁତ ହେବା ପରେ ସେନାବାହିନୀ ଓ ଆମେରିକା ବିରୁଦ୍ଧରେ ଖୋଲାଖୋଲି ବିଦ୍ରୋହ ଓ ଭାରତକୁ ପ୍ରଶଂସା କରିବା ଦେଶରେ ନୂତନ ସୂର୍ଯ୍ୟୋଦୟର ଆଭାସ ଦେଇଛି। ଇମ୍ରାନଙ୍କ ଲୋକପ୍ରିୟତା ଅକ୍ଷୁର୍ଣ୍ଣ ରହିଥିବା ଉପ-ନିର୍ବାଚନ ଫଳାଫଳ ସଂକେତ ପ୍ରଦାନ କରିଥିବାବେଳେ ତାଙ୍କ ଉପରେ ଗୁଳିମାଡ ନେଇ ଦେଶବ୍ୟାପୀ ଯେପରି ବିକ୍ଷୋଭ, ପ୍ରତିବାଦ ଜାରି ରହିଛି, ତାହା ଏବେ ପାକିସ୍ତାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛି। ସେନା ଏକପ୍ରକାର ଅସହାୟ ହୋଇପଡିଥିବା ମନେହୁଏ। ତେବେ ପାକିସ୍ତାନରେ ତୁରନ୍ତ ନିର୍ବାଚନ, ଏହି ସଂକଟର ସମାଧାନ କରିପାରିବ। କିନ୍ତୁ ଏହା ନିଶ୍ଚିତ ପାକିସ୍ତାନ ଗଣତନ୍ତ୍ରର ଅଭାବର ଶିକାର ହୋଇଆସିଛି।

# ବିଶ୍ୱରେ ଶାକାହାର

ଭାରତ ଏକ ବହୁ ପ୍ରଦେଶୀ, ବହୁଭାଷୀ, ବହୁ ଆହାରୀ, ବହୁ ବ୍ୟବହାରୀ ଦେଶ ହୋଇଥିବାରୁ ଏଠାରେ ଅନେକ ପ୍ରକାରର ଭିନ୍ନତା ଦେଖାଦେଇଥାଏ। ଖାଦ୍ୟାହାରକୁ ନେଇ ରାଜନୀତି, ମତଭେଦ, ସଂଘର୍ଷ ମଧ୍ୟ ଘଟିଥାଏ। ଖାଦ୍ୟ ଗ୍ରହଣକୁ କେନ୍ଦ୍ର କରି କିଛି ଲୋକ ନିକଟରେ ସୂର୍ଯ୍ୟପରାଗ କାଳରେ ନିଜର ଅହଂ ପ୍ରଧାନ ବୌଦ୍ଧିକତାକୁ ପ୍ରଦର୍ଶନ କରିବାକୁ ଗଣମାଧ୍ୟମକୁ ମାଧ୍ୟମ କରିଥିଲେ, ଅନ୍ୟମାନେ ମୂର୍ଖ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ। ଏଠି ହିନ୍ଦୁମାନେ କଛା ଭିଡି ମନ୍ଦିରକୁ ଗଲାବେଳେ ମୁସଲିମ ଲୋକେ କଛା ଖୋଲି ମସଜିଦ୍‌କୁ ଯାଇଥାଆନ୍ତି। ମନ୍ଦିରରେ ପୁରୁଷ-ସ୍ତ୍ରୀ ପ୍ରବେଶ କରିପାରୁଥିବା ସ୍ଥଳେ ମସ୍‌ଜିଦରେ କେବଳ ପୁରୁଷଙ୍କୁ ପ୍ରବେଶାଧିକାର ଥିବା ଦେଖିବାକୁ ମିଳୁଛି। ସେମିତି ଗତ କିଛି ବର୍ଷ ହେଲା ମାଂସାହାରକୁ ନେଇ ଭିନ୍ନ ଭିନ୍ନ ସ୍ଥାନରେ ଲୋକଙ୍କ ମଧ୍ୟରେ ବିବାଦ ସୃଷ୍ଟିହେବା ଦେଖିବାକୁ ମିଳୁଛି। ପୂର୍ବେ ମାଂସାହାରୀମାନଙ୍କୁ ଗ୍ରାମରୁ ବିତାଡିତ କରାଯାଉଥିଲା ଏବଂ ଯେଉଁମାନେ ମାଂସାହାର କରୁଥିଲେ ସେମାନଙ୍କୁ ମନ୍ଦିର ପ୍ରବେଶ ଅଧିକାରରୁ ଅଲଗା କରାଯାଉଥିଲା। ସେମାନେ ଗ୍ରାମରୁ ବାହାରେ ଯାଇ ରହୁଥିଲେ। ସମାଜରେ ଖାଦ୍ୟାହାରର ଭିନ୍ନତାକୁ କେନ୍ଦ୍ରକରି ସ୍ପୃଶ୍ୟ ଅସ୍ପୃଶ୍ୟ ମତଭେଦ ସୃଷ୍ଟି ହୋଇଥିଲା। ସେହି ମତଭେଦ ଏବେ ଅବଶ୍ୟ ଦେଖିବାକୁ ମିଳୁନାହିଁ। କାରଣ ସମାଜର ବଡବର୍ଗ ଏପରିକି ଭାରତର ଅଧିକାଂଶ ପ୍ରଦେଶରେ ମାଂସାହାର ଏକ ଲୋକପ୍ରିୟ ବ୍ୟବସ୍ଥାରେ ପରିଣତ ହୋଇଛି। ଆହାରକୁ କେନ୍ଦ୍ରକରି ସ୍ପୃଶ୍ୟ-ଅସ୍ପୃଶ୍ୟ ବିଚାରକଲେ ସତୁରି ପ୍ରତିଶତ ସମାଜ ଅସ୍ପୃଶ୍ୟ ହୋଇଯିବ। ତେଣୁ ପଶୁହତ୍ୟାକୁ ଆଉ ବଡକଥା ବା ଦୋହାବହ ବୋଲି କେହି ଚିନ୍ତା କରୁନାହାନ୍ତି। ଏହି କ୍ରମରେ ଚୀନର ଲୋକେ ଆଉ ଦୁଇପାଦ ଆଗକୁ ଯାଇ ସାରା ବିଶ୍ୱରୁ କୁକୁର, ମାଙ୍କଡ, ମୂଷା, ବିଲେଇ, ସାପ, ସାମୁଦ୍ରିକ ଜୀବ ଆଦି ସଂଗ୍ରହ କରିବାରେ ବ୍ୟସ୍ତ। ନିକଟରେ ପାକିସ୍ତାନକୁ କୁକୁର ରପ୍ତାନୀ କରିବା ପାଇଁ ଚୀନ ପ୍ରସ୍ତାବ ଦେଇଛି। ଚୀନରେ ଗଧମାଂସର ଚାହିଦା ଅଧିକ ଥିବାରୁ ପାକ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଗଧ ରପ୍ତାନୀ ଉପରେ ଜୋର ଦେଇଥିଲେ। ସେମିତି ଆଫ୍ରିକାର ଲୋକଙ୍କ ମଧ୍ୟରେ ମାଙ୍କଡ ମାଂସ ଖାଇବା ଆଗ୍ରହ ଅଧିକ ଥିବାରୁ ସେଠାକାର ଜଙ୍ଗଲଗୁଡିକରେ ମାଙ୍କଡଙ୍କ ସଂଖ୍ୟା ହ୍ରାସ ପାଇଛି। ଭାରତର ଉତ୍ତରପୂର୍ବ ରାଜ୍ୟ ମାନଙ୍କରେ କୁକୁରମାଂସ ବେଶ୍ ଲୋକପ୍ରିୟ ଖାଦ୍ୟ ହୋଇଥିବାରୁ ନାଗା ଲୋକେ ଏକ ସ୍ୱତନ୍ତ୍ର କାଠି ଯୋଗେ ଅତିକମ୍ ସମୟରେ ଯେ କୌଣସି କୁକୁରକୁ ଶିକାର କରିବାକୁ ସକ୍ଷମ ହୋଇଥାଆନ୍ତି। ସେମାନଙ୍କ ଘର ଚାରିପାଖେ କାନ୍ଥରେ ପଶୁଙ୍କ ମୁଣ୍ଡ ବହୁସଂଖ୍ୟାରେ ସଜ୍ଜା ହୋଇ ରହିଥାଏ। ଯେତେ ଅଧିକ ପଶୁମୁଣ୍ଡ ଯିଏ ନିଜର ଘର ଚାରିପାଖେ ସଜ୍ଜାଇ ପାରିଲା ସେ ଅଧିକ ଭାଗ୍ୟବାନ ହେବ ବୋଲି ବିଚାର କରାଯାଏ। ଏହି ପଶୁମାଂସ ପ୍ରେମରୁ ସମୟକ୍ରମେ ସେଠାକାର ଲୋକେ ମଣିଷ ମାଂସ ଭକ୍ଷଣ କରିବାକୁ ମଧ୍ୟ ଭଲପାଇଲେ। ସମାଜର ବାହାର ଲୋକଙ୍କୁ ସେମାନେ ଶିକାର କରୁଥିବା ହେତୁ ଅନେକ ଅଞ୍ଚଳକୁ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ମଧ୍ୟ ଲଗାଯାଇଥିଲା। ନିକଟରେ କେରଳର ଜଣେ ମୁସଲମାନ ବ୍ୟକ୍ତି ବର୍ଷ ବର୍ଷ ଧରି ମହିଳାମାନଙ୍କୁ ହତ୍ୟା କରିବା ପରେ ସେମାନଙ୍କ ଯୌନାଙ୍ଗକୁ କାଟି ଫ୍ରିଜ୍‌ରେ ସାଇତି ରଖି ଖାଇବା ଘଟଣା ନିକଟରେ ପୁଲିସ ଦୃଷ୍ଟିକୁ ଆସିଛି। ଆଫ୍ରିକାର ନରପିଶାଚ ଭାବେ ପରିଚିତ ଶାସକ ଇଦି ଅମିନଙ୍କର ମହିଳାଙ୍କ କଟା ସ୍ତନ ଖାଇବାରେ ଅଧିକ ଆଗ୍ରହ ଥିଲା ବୋଲି ଜଣାଯାଏ।

ଯୁଦ୍ଧ ସଂଘର୍ଷକୁ ସମ୍ମୁଖୀନ ହେବା ଲୋକେ ମାଂସାହାରୀ ହୋଇଥାନ୍ତି ବୋଲି ସାଧାରଣତଃ ଭୁଲ ଧାରଣା ରହିଛି। କିନ୍ତୁ ହଜାର ହଜାର ବର୍ଷର ଯୁଦ୍ଧକୁ ସାମ୍ନା କରିଆସିଥିବା ଉତ୍ତର ପଶ୍ଚିମ ଭାରତର ଲୋକେ ବୈଦେଶିକ ଆକ୍ରମଣକୁ ସାମ୍ନା କରିନଥିବା ଅଞ୍ଚଳଠାରୁ ଅଧିକ ଶାକାହାରୀ ବୋଲି ଜଣାପଡିଛି। ମହାଭାରତ ଯୁଦ୍ଧର କେନ୍ଦ୍ର କୁରୁକ୍ଷେତ୍ର ହରିୟାଣାରେ ରହିଛି, ହେଲେ ଭାରତରେ ଶାକାହାରୀଙ୍କ ସଂଖ୍ୟା ଦୃଷ୍ଟିରୁ ଏହି ରାଜ୍ୟର ସ୍ଥାନ ଦ୍ୱିତୀୟରେ ରହିଛି। ଶାକାହାରୀଙ୍କ ସଂଖ୍ୟାରେ ଅଗ୍ରଣୀ ରହିଥିବା ରାଜ୍ୟଗୁଡିକ ହେଲେ (ପ୍ରତିଶତ ହିସାବରେ) ରାଜସ୍ଥାନ (୭୫), ହରିୟାଣା (୭୦), ପଞ୍ଜାବ (୬୩), ଗୁଜରାଟ (୬୧), ହିମାଚଳ ପ୍ରଦେଶ (୫୩), ମଧ୍ୟପ୍ରଦେଶ (୫୧), ଉତ୍ତର ପ୍ରଦେଶ (୪୭), ଦିଲ୍ଲୀ (୪୦), ମହାରାଷ୍ଟ୍ର (୪୦), ଲଦ୍ଦାଖ (୩୧), ଜାମ୍ମୁ ଓ କାଶ୍ମିର (୩୧), କର୍ଣ୍ଣାଟକ(୨୧), ଆସାମ (୨୦.୬), ଛତିଶଗଡ (୧୮), ସିକିମ (୧୨), ମଣିପୁର (୧୧)। ଦକ୍ଷିଣ ପୂର୍ବ ଏବଂ ଉତ୍ତର ପୂର୍ବ ରାଜ୍ୟଗୁଡିକରେ ଶାକାହାରୀଙ୍କ ସଂଖ୍ୟା ୧୦ ପ୍ରତିଶତରୁ ମଧ୍ୟ କମ୍ ରହିଛି। ଏହି ରାଜ୍ୟଗୁଡିକ ମଧ୍ୟରେ ତ୍ରିପୁରା (୮), ବିହାର (୭.୫), ମିଜୋରାମ (୬), ମେଘାଳୟ (୫)ରେ ପାଞ୍ଚ ବା ପାଞ୍ଚରୁ ଅଧିକ ପ୍ରତିଶତ ଶାକାହାରୀ ଥିଲାବେଳେ ୫ ପ୍ରତିଶତରୁ କମ୍ ଶାକାହାରୀ ଥିବା ରାଜ୍ୟଗୁଡିକ ହେଲେ ଅରୁଣାଚଳ ପ୍ରଦେଶ (୪), ଝାଡଖଣ୍ଡ (୩), କେରଳ (୩), ଓଡିଶା (୨.୬), ତାମିଲନାଡୁ (୨.୩), ନାଗାଲାଣ୍ଡ(୨), ତେଲେଙ୍ଗାନା (୧.୭), ପଶ୍ଚିମବଙ୍ଗ (୧.୪), ଆନ୍ଧ୍ରପ୍ରଦେଶ (୧.୩)। ସେମିତି ବିଶ୍ୱରେ ଶାକାହାରୀ ସଂଖ୍ୟା ଦେଖିଲେ (ପ୍ରତିଶତ ହିସାବରେ) ଆର୍ଜେଣ୍ଟିନା (୧୨), ଅଷ୍ଟ୍ରେଲିଆ (୧୨.୧), ବେଲଜିୟମ (୭), ବ୍ରାଜିଲ (୧୪), କାନାଡା (୭.୬), ଚିଲି (୬), ଚୀନ (୪.୫), କଲମ୍ବିଆ (୪), ଚେକ୍ ରିପବ୍ଲିକ(୫), ଡେନମାର୍କ (୧୦), ଫିନଲାଣ୍ଡ (୧୨), ଇସ୍ତୋନିଆ (୬), ଜର୍ମାନୀ (୧୦), ଗ୍ରୀସ (୪), ହଙ୍ଗେରୀ (୫), ଆୟରଲାଣ୍ଡ (୮.୪), ଜାପାନ (୯), ଲାଟଭିଆ (୫), ଲିଥୁଆନିଆ (୬), ନେଦରଲାଣ୍ଡ (୫), ନରଓ୍ୱେ (୯), ଫିଲିପାଇନ୍ସ (୫), ସିଙ୍ଗାପୁର (୭), ସ୍ୱିଡେନ(୧୨), ତାଇଓ୍ୱାନ (୧୩), ଭିଏତନାମ (୧୦), ଆମେରିକା (୫), ୟୁକ୍ରେନ (୫.୨), ବ୍ରିଟେନ (୧୦), ନିଉଜିଲାଣ୍ଡ (୧୦)ରେ କିଛି କିଛି ଶାକାହାରୀ ରହିଛନ୍ତି। ଇସ୍ରାଏଲରେ (୧୩) ପ୍ରତିଶତ ଶାକାହାରୀ ରହିଛନ୍ତି। ବିଶ୍ୱରେ ଭାରତର ଶାକାହାରୀ ସଂଖ୍ୟା ୨୩ପ୍ରତିଶତରୁ ଅଧିକ ରହିଥିବାର କୁହାଯାଉଛି। କିନ୍ତୁ ଏହି ସଂଖ୍ୟାରେ କେବଳ ଉତ୍ତର ଏବଂ ପଶ୍ଚିମାଞ୍ଚଳ ରାଜ୍ୟଗୁଡିକର ଅଂଶ ଅଧିକ ରହିଛି। ବିଶ୍ୱରେ ମୋଟ ଜନସଂଖ୍ୟାର ଏକ ଚତୁର୍ଥାଂଶ ଶାକାହାରୀ ଥିବାରୁ ଭାରତ ସବୁଠୁ ଆଗରେ ରହିଛି। ସେମିତି ଚୀନରେ ଶାକାହାରୀ ବହୁତ କମ୍। ସେଠାରେ ପ୍ରାୟ ପ୍ରତ୍ୟେକ ଖାଦ୍ୟ ଏପରିକି ଚିପ୍‌ସକୁ ମାଂସାହାରରେ ଗଣାଯାଇଥାଏ।

ଭାରତର ଗୁଜରାଟ ପ୍ରଦେଶ ଅନ୍ତର୍ଗତ ଭାବନଗର ଜିଲ୍ଲାରେ ସର୍ବାଧିକ ଶାକାହାରୀ ଥିବା ହିସାବରୁ ଜଣାପଡେ। ଏହି ଜିଲ୍ଲାରେ ଥିବା ପଲିତଣା ଜୈନଙ୍କ ଧାର୍ମିକନଗରୀ ହୋଇଥିବାରୁ ଏଠାରେ ଅଧିକ ସଂଖ୍ୟକ ଶାକାହାରୀ ଦେଖାଯାଇଥାନ୍ତି। ପୃଥିବୀର ସର୍ବାଧିକ ୨ଟି ଶାକାହାରୀ ଜିଲ୍ଲା ମଧ୍ୟରୁ ଏହା ଅନ୍ୟତମ।





# ପୋଖରୀ ନିର୍ମାଣ ଓ ପେଭର ବ୍ଲକ୍ ବିଛା ଦୁର୍ନୀତିର ତଦନ୍ତ ପାଇଁ ଦାବି



ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୬ ନମ୍ବର ଓ୍ୱାର୍ଡର ଶାନ୍ତିନଗର ଠାରେ ହୋଇଥିବା ପୋଖରୀ ନିର୍ମାଣରେ ହୋଇଥିବା ଦୁର୍ନୀତି ଓ ଲେବର ଟେନାମେଣ୍ଟର ରାସ୍ତାପାର୍ଶ୍ୱରେ ନିମ୍ନମାନର ପେଭର ବ୍ଲକ୍ ବିଛା କାର୍ଯ୍ୟର ତଦନ୍ତ ପାଇଁ ଉକ୍ତ ଓ୍ୱାର୍ଡର ବାସିନ୍ଦାମାନଙ୍କ ତରଫରୁ ଦାବି କରାଯାଇଛି। ଗତ ତା-୯.୧୧.୨୨ ରିଖରେ ଉକ୍ତ ଓ୍ୱାର୍ଡର ଶାନ୍ତିନଗର ଓ ଲେବର ଟେନାମେଣ୍ଟ ଅଞ୍ଚଳର ପ୍ରତିନିଧି ସ୍ତରୀୟ ବାସିନ୍ଦାମାନେ ବିଧାୟକ ପ୍ରାର୍ଥୀ ବିରେନ ସେନାପତିଙ୍କ ନେତୃତ୍ୱରେ ମହାନଗର ନିଗମର କମିଶନର ଏବଂ ଉପକମିଶନରଙ୍କୁ ସାକ୍ଷାତ କରି ଏହି ପୋଖରୀର ନିର୍ମାଣ କାର୍ଯ୍ୟରେ ହୋଇଥିବା ବ୍ୟାପକ ଦୁର୍ନୀତି ସମ୍ପର୍କରେ ଅବଗତ କରାଇଥିଲେ। ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରାୟ ୪୪ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଏହି ପୋଖରୀର ଉନ୍ନୟନ କାର୍ଯ୍ୟ କରାଯାଇଥିଲେହେଁ ସମ୍ପ୍ରତି ଏହା ଏକ ଆବର୍ଜନା କୁଣ୍ଡରେ ପରିଣତ ହୋଇ ମଶା, ମାଛିଙ୍କ ପ୍ରଜନନ କେନ୍ଦ୍ରରେ ପରିଣତ ହୋଇଛି। ପୋଖରୀ ହୁଡାରେ ନିର୍ମିତ ପ୍ରାଚୀରରେ ଲଗାଯାଇଥିବା ଟାଇଲ୍ ଗୁଡିକ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ କେତେକ ସ୍ଥାନରେ ଉଠିଗଲାଣି ତ ଆଉ କେତେ ସ୍ଥାନରେ ଭାଙ୍ଗି ଗଲାଣି। ପୋଖରୀ ପାର୍ଶ୍ୱରେ ନିର୍ମିତ ନାଳି କେତେକ ସ୍ଥାନରେ ଭୁଷୁଡି ପଡିଥିବାରୁ ବର୍ଷାଜଳ ନିଷ୍କାସନ ହୋଇନପାରି ବସ୍ତିବାସୀଙ୍କ ଘରେ ପଶୁଛି। ତେଣୁ ଏହି ପୋଖରୀ ନିର୍ମାଣରେ ବ୍ୟାପକ ଅର୍ଥ ହରିଲୁଟ୍ ହୋଇଥିବା ସ୍ପଷ୍ଟ ଜଣାପଡୁଥିବାରୁ ଏହାର ତଦ' କରି ଏହାକୁ ବ୍ୟବହାର ଉପଯୋଗୀ କରିବାକୁ ବାସିନ୍ଦାମାନେ ଦାବି କରିଛି' ଏବଂ ଏହି ପୋଖରୀର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ କୌଣସି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବା ବସ୍ତି କମିଟିକୁ ହସ୍ତା'ର କରିବାକୁ ବାସିନ୍ଦାମାନେ ପ୍ରସ୍ତାବ ଦେଇଛି'। ସେହିପରି ଲେବର ଟେନାମେଣ୍ଟ ଅଞ୍ଚଳରେ ଗତ ୨/୩ ମାସ ତଳେ ରାସ୍ତା ପାର୍ଶ୍ୱରେ ବିଛାଯାଇଥିବା ପେଭର ବ୍ଲକ୍ କାର୍ଯ୍ୟ ଅତ୍ୟ' ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରେ ବ୍ଲକ୍ ଗୁଡିକ ଉଠିଯିବା ସହିତ କେତେକ ସ୍ଥାନରେ ଭୁଷୁଡି ପଡିଲାଣି। ତେଣୁ ଏହି ଉଭୟ ପ୍ରକଳ୍ପରେ ହୋଇଥିବା ଦୁର୍ନୀତିର ଆବଶ୍ୟକ ତଦ' କରି ଦୃଷ୍ଟା'ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାମାନଙ୍କ ତରଫରୁ ଦାବି କରାଯାଇଛି। ଅନୁରୂପ ଭାବେ କମ୍ୟୁନିଟି ସେଣ୍ଟର ପାର୍ଶ୍ୱରେ ଏକ ଡାଇନିଂ ହଲ୍ ନିର୍ମାଣ କରିବା, ତ୍ରିନାଥ ନଗର ଅଙ୍ଗନବାଡି କେନ୍ଦ୍ର ପାଇଁ ଏକ ଗୃହ ଯୋଗାଇ ଦେବାକୁ ଏହି ଅବସରରେ ଦାବି କରାଯାଇଛି। ମହାନଗର ନିଗମ ତରଫରୁ ଯେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି ସେଥିରେ ସ୍ୱଚ୍ଛତା ରଖାଯିବା ସହିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓ୍ୱାର୍ଡର ବାସିନ୍ଦାମାନେ ଦାବି କରିଛି'। ଏହି ପ୍ରତିନିଧିମାନଙ୍କ ମଧ୍ୟରେ ଉକ୍ତ ଓ୍ୱାର୍ଡର ଅଭିମନ୍ୟୁ ଦାସ, କାର୍ତ୍ତିକ ଚନ୍ଦ୍ର ବେହୁରିଆ, ଚତୁର୍ଭୁଜ ସାମଲ, ଜିତେନ୍ଦ୍ର ଦାସ, ଗୌରୀ ପ୍ରସାଦ ଦାସ, ଅକୁଳ ପାତ୍ର, ନାରାୟଣ ବଡାଇକ, ରୋଶନ କୁଲୁ, ଚନ୍ଦ୍ରଶେଖର ରାଓ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା କଂଗ୍ରେସର ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶା' ସେଠୀ, ଅ'ରୀଣ ସଭାପତି ଦେବବ୍ରତ ବିହାରୀ, ପିସିସି ସଭ୍ୟ ସବୀର ହୁସେନ ଏବଂ ସୁଧୀର ନାଥ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ଓ୍ୱାର୍ଡର ଉପରୋକ୍ତ ସମସ୍ୟା ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ରଖିଥିଲେ।

# ସ୍କାଉଟ ଗାଇଡ୍‌ମାନଙ୍କ ଦ୍ୱାରା ଭୋଟର ସଚେତନତା ଶୋଭାଯାତ୍ରା



ଭୁବନେଶ୍ୱର (ପିଏନ୍): ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆୟୋଜିତ ଭୋଟର ସଚେତନତା କାର୍ଯ୍ୟକ୍ରମ ତା୯.୧୧.୨୦୨୨ରିଖ ସକାଳ ୭ ଘଟିକା ସମୟରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରୁ ୨୦୦ରୁ ଉର୍ଦ୍ଧ୍ୱ ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜର ମିଳିତ ହୋଇ ଭୋଟର ସଚେତନତା ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଏହି ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାହାରି ଯଥାକ୍ରମେ ପିଏମ୍‌ଜି ଛକ, ରବିନ୍ଦ୍ର ମଣ୍ଡପ, ପାଓ୍ୱାର ହାଉସ୍ ଛକ ଦେଇ ରାଜ୍ୟ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜର ମାନେ ସଚେତନତା ସମ୍ପର୍କୀୟ ବିଭିନ୍ନ ପ୍ଲାକାର୍ଡ ଧରି ଜନସଚେତନତା ସୃଷ୍ଟି କରିବାର ପ୍ରୟାସ କରିଥିଲେ। ରାଜ୍ୟ ମୁଖ୍ୟାଳୟର ଯୁଗ୍ମ ସମ୍ପାଦକ ଶ୍ରୀ ମିହିର ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ବହୁ ଅଧିକାରୀ ଏବଂ ବିଦ୍ୟାଳୟମାନଙ୍କରୁ ଆସିଥିବା ସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜରମାନଙ୍କର ଏପରି କାମକୁ ଦେଖି ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ବହୁତ ପ୍ରଶଂସା କରିଥିଲେ।

## ବୀରଗୋବିନ୍ଦପୁର ସରପଞ୍ଚଙ୍କ ଦ୍ୱାରା କମ୍ବଳ ବଣ୍ଟନ



ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁର ପଂଚାୟତର ସରପଞ୍ଚ ଦିଲ୍ଲୀପ କୁମାର ମାଝୀଙ୍କ ଦ୍ୱାରା ଯୁଗଳକିଶୋରପୁର ଠାରେ ଶୀତର ଲହରୀକୁ ଆଖି ଆଗରେ ରଖି ଗରିବ ଅସହାୟ ଲୋକମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ସରପଞ୍ଚଙ୍କ ଏଭଳି ପ୍ରୟାସକୁ ପଂଚାୟତବାସୀ ପ୍ରଶଂସା କରିଥିବା ବେଳେ ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ବଳରାମ ଟୁଡୁ, ମୁନି ହେମ୍ବ୍ରମ, ସୁଶାନ୍ତ ସୋରେନ୍, ସୁନୀଲ କୁମାର ପ୍ରଧାନ, ସୁଶାନ୍ତ କୁମାର ମାଝୀ, ବୃନ୍ଦାବନ ଗୁଇଁ ପ୍ରମୁଖ ସହଯୋଗ କରିଥିଲେ।

## ପାରାଦୀପ ଜାତୀୟ ରାଜପଥରେ ପୁଣି ଦୂର୍ଘଟଣା- ବାଇକ୍ ଉପରେ ଚଢିଗଲା ବାଲି ବୋଝେଇ ହାଇଓ୍ୱା

ପାରାଦୀପ,(ପି.ଏନ): ପାରାଦୀପ ଲକ୍ ଥାନାର ଅନତି ଦୂରରେ କାର୍ବନ୍ ଫ୍ୟାକ୍ଟ୍ରି ନିକଟରେ ଗୁରୁବାର ସକାଳେ ଏକ ଏକ ମର୍ମନ୍ତୁଦ ସଡକ ଦୂର୍ଘଟଣା ଘଟିଛି। ଏହି ସଡକ ଦୂର୍ଘଟଣାର ଶୀକାର ହୋଇଛନ୍ତି କେନ୍ଦ୍ରାପଡା ଜିଲ୍ଲା କଳାବୁଦା ପଂଚାୟତ ଅଧିନସ୍ଥ ମଇନ୍ଦିପୁର ଗ୍ରାମର ପ୍ରଭାତ ମଲ୍ଲିକ। ଘଟଣାରୁ ପ୍ରକାଶଯେ, ପ୍ରଭାତ ପାରାଦୀପର ଏକ କମ୍ପାନୀରେ କାମ କରନ୍ତି। ସବୁ ଦିନ ପରି ପ୍ରଭାତ କାମ ସାରି ନିଜ ବାଇକ୍ ଓଆର-୦୨-ବିକ୍ୟୁ-୯୪୭୮ ଯୋଗେ ଘରକୁ ଫେରୁଥିବା ବେଳେ ପାରାଦୀପ ଉପକଣ୍ଠ ଦୋଛକି ନିକଟସ୍ଥ କାର୍ବନ ଫ୍ୟାକ୍ଟ୍ରି ନିକଟରେ ଓଡି-୦୪-ଏସ୍-୯୭୨୭ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ହାଇଓା ଚଣ୍ଡିଖୋଲ ଜାତୀୟ ରାଜପଥର ପ୍ରଭାତଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଦୃତଗତିରେ ଆସି ଥିବା ଏହି ହାଇଓାଟି ପ୍ରଭାତଙ୍କ ବାଇକ୍ ଉପରେ ଚଢି ଯାଇଥିବା ବେଳେ ପ୍ରଭାତ ଝିଟିକି ପଡିଥିଲେ ରାସ୍ତା ଉପରେ। ସ୍ଥାନୀୟ ଲୋକମାନେ ପ୍ରଭାତଙ୍କୁ ଦୂର୍ଘଟଣାସ୍ଥଳରୁ ଉଦ୍ଧାର କରି ତୁରନ୍ତ ଅଠରବାଙ୍କୀ ମେଡିକାଲକୁ ଆଣିଥିଲେ। ପ୍ରଭାତଙ୍କ ଅବସ୍ଥା ଗୁରୁତ୍ୱର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିବା ଜଣା ପଡିଛି। ସୂଚାନାଯୋଗ୍ୟକି ମରଣଯନ୍ତା ପାଲଟିଥିବା ଏହି ରାସ୍ତାରେ ପୋଲିସ୍ ପ୍ୟାଟ୍ରୋଲିଙ୍ଗ ହେଉଛି। ଶହ ଶହ ବାରିଯାନ ପ୍ରତିଦିନ ପାରାଦୀପର ବିଭିନ୍ନ ଶିଳ୍ପାନୁଷ୍ଠାନମାନଙ୍କୁ ଆସୁଛନ୍ତି। ହେଲେ ସେମାନଙ୍କ ଉପରେ ଅଙ୍କୁଶ ଲଗାଇବାରେ ପୋଲିସ ସମ୍ପୂର୍ଣ୍ଣ ବିଫଳ ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ଡିଜେଲ ଚୋରକୁ ପୁଲିସରେ ଜିମା ଦେଲେ



କେନ୍ଦୁଝର (ପିଏନ୍): ଝୁମ୍ପୁରା ଥାନା ଅଚଂଳ ୨୦ନମ୍ବର ଜାତୀୟ ରାଜପଥ ମରୁସୁଆଁ ଛକ ନିକଟରେ ଥିବା ଜଗନ୍ନାଥ ଢାବା ପରିସରରୁ ବିଳମ୍ବିତ ରାତିରେ ଟ୍ରକ ଡ୍ରାଇଭରମାନେ ଜଣେ ଡିଜେଲ ଚୋରକୁ କାବୁ କରି ପୁଲିସକୁ ଜିମା ଦେଇଥିଲେ। ଗିରଫ ହୋଇଥିବା ଡିଜେଲ ଚୋର ଜଣକ ଝାଡଖଣ୍ଡ ଅଚଂଳ ମଝିଗାଁ ଥାନା ଚତୁରୀସାହି ଗ୍ରାମ ଝାଡେଶ୍ୱର କୁମ୍ଭାରଙ୍କ ପୁଅ ବୁଲବୁଲ ବେହେରା ବୋଲି ପୁଲିସ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ ଯେ, ୨୦ନମ୍ବର ଜାତୀୟ ରାଜପଥ ଦୁଧକୁଣ୍ଡି ଛକ ନିକଟରେ ଥିବା ଜଗନ୍ନାଥ ଢାବା ପରିସରରେ ୧୬ ଚକିଆ ଗାଡି ନଂ (ଓଡି୦୯ଭି୨୬୮୫) ଛିଡା କରି ଡ୍ରାଇଭର ମାଜୁରା ମହାରଣା ଖାଇବା ପାଇଁ ଢାବା ଭିତରକୁ ଯାଇଥିଲେ। ମାଜୁରା ଖାଇସାରି ନିଜ ଗାଡି ପାଖକୁ ଆସିବା ବେଳେ ଦେଖିବାକୁ ପାଇଲା ତାର ୧୬ ଚକିଆ ଗାଡିରୁ ଦୁଇଜଣ ପିଲା ପାଇପ୍ ଲଗାଇ ଡିଜେଲ ଟାଙ୍କିରୁ ଡିଜେଲ ଚୋରୀ କରୁଥିଲେ ଏବଂ ସେମାନଙ୍କ ପାଖରେ ଏକ (ଆରଟିଗା) କାର ଗାଡି ନଂ (ଜେଏଚ୍‌୦୫ସିୟୁ୦୧୭୭) ଛିଡା କରିଥିଲେ। ଡିଜେଲ ଚୋରୀ କରୁଥିବା ଦେଖି ବଡ ପାଟି କରି ଅନ୍ୟ ଡ୍ରାଇଭର ଭାଇମାନଙ୍କୁ ମାଜୁରା ଡାକ ପକାଇଲା। ପାଟି ଶୁଣି ଢାବାରେ ଥିବା ସମସ୍ତ ଡ୍ରାଇଭରମାନେ ଦୌଡି ଆସିଲେ। ପାଟି ଶୁଣି ଡିଜେଲ ଚୋରମାନେ ମଧ୍ୟ ଦୌଡିବାକୁ ଉଦ୍ୟମ କରୁଥିବା ବେଳେ ଜଣେ ଚୋରକୁ ଡ୍ରାଇଭରମାନେ କାବୁ କରିଥିବା ବେଳେ ଅନ୍ୟ ଜଣେ ଚୋର କୌଶଳକ୍ରମେ ଖସିଯିବାକୁ ସକ୍ଷମ ହୋଇଥିଲା। ତେବେ ଖସି ପଳାଇଯାଇଥିବା ଡିଜେଲ ଚୋର ଜଣକ ହେଲା ଝାଡଖଣ୍ଡ ଅଚଂଳ ମଝିଗାଁ ଥାନା ଚତୁରିସାହି ଗ୍ରାମର ଓକିଲ ଦଳାଇଙ୍କ ପୁଅ ରାଜିବ୍ ଦଳାଇ (୨୮ବର୍ଷ) ବୋଲି ଜଣାପଡିଛି। ଡ୍ରାଇଭରମାନେ ଡିଜେଲ ଚୋରକୁ ଅଟକ ରଖି ଝୁମ୍ପୁରା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଁଚି ଚୋରମାନେ ବ୍ୟବହାର କରୁଥିବା ଗାଡି ଏବଂ ୧୦ ଲିଟର ଡିଜେଲ ଥିବା ଏକ ପ୍ଲାଷ୍ଟିକ ଜାରକିନ ଏବଂ ୧୦ଗୋଟି ଖାଲି ପ୍ଲାଷ୍ଟିକ ଜାରକିନ ଜବତ କରିଥିଲେ। ତେବେ ଡ୍ରାଇଭର ମାଜୁରା ମହାରଣାଙ୍କ ଲିଖିତ ଅଭିଯୋଗକୁ ଭିତି କରି ଝୁମ୍ପୁରା ପୁଲିସ କେଶ୍-୧୨୨/୨୨ ରୁଜୁ କରି ଆସାମୀ ବୁଲବୁଲ ବେହେରାକୁ କୋର୍ଟ ଚାଲାଣ କରିବା ସହ ଅନ୍ୟ ଡିଜେଲ ଚୋରକୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବରେନ୍ଦ୍ର ଶିଅଳ ସୂଚନା ଦେଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଅକ୍ଟୋବର ୪**

# ଚରମ ଜଳବାୟୁ

ଏଥିରେ ସନ୍ଦେହ ନାହିଁ, ସମଗ୍ର ବିଶ୍ୱ ଏବେ ଚରମ ଜଳବାୟୁ ମଧ୍ୟରେ ବାସ କରୁଛି । କିନ୍ତୁ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ବିଶ୍ୱ ଗୁରୁତ୍ୱର ସହକାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରତି ଚରମ ବିମୁଖତା ମଧ୍ୟ ପ୍ରଦର୍ଶନ କରିଆସୁଛି ବୋଲି କହିଲେ ଅତିରଂଜିତ ହେବ ନାହିଁ । ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ମାନବ ସମାଜ ଉପରେ ପଡିନାହିଁ, ବୃକ୍ଷ, ଲତା ଠାରୁ ଆରମ୍ଭ କରି ଛୋଟ ଛୋଟ ଓ ବଡ ସମସ୍ତ ସୃଷ୍ଟି ତଥା ପ୍ରାଣୀ ଜଗତ ଉପରେ ପଡୁଛି । ଜଳବାୟୁ ପରିବର୍ତ୍ତନ ତଥା ବିଶ୍ୱ ତାପମାତ୍ରା ବୃଦ୍ଧି ଭବିଷ୍ୟତରେ ବୃକ୍ଷଲତାକୁ ମଉଳାଇ ଦେବ । ଛୋଟ, ବଡ ସମସ୍ତ ସୃଷ୍ଟିର ଜୀବନ ଧାରଣକୁ ସମ୍ପୂର୍ଣ୍ଣ ଦୁର୍ବିସହ କରିଦେବ । କେବଳ ଏତିକି ନୁହେଁ, ସମୁଦ୍ର ଉତପ୍ତ ହେବା ସହ ଜଳସ୍ତର ବଢିବ, ନଦୀ, ପୋଖରୀ ପ୍ରଦୁଷିତ ହେବା ସହ ଶୁଖିଯିବ । ବରଫ ଶୃଙ୍ଗ ତରଳିବ । ସମୁଦ୍ର କୁଳ ଲଂଘି ସ୍ଥଳଭାଗ ମୁହାଁ ହେବ । ଏଥିସାଙ୍ଗକୁ ବାୟୁମଣ୍ଡଳ ବିଷାକ୍ତ ହୋଇଯିବ, ଯାହାକି ଜୀବଜଗତର ଶ୍ୱାସ କ୍ରିୟା ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ ହେବ । ସେହିପରି ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗ୍ରୀଷ୍ମ, ବର୍ଷା, ଶୀତର ପ୍ରକୋପ ଧ୍ୱଂସର ତାଣ୍ଡବ ସୃଷ୍ଟି କରିବ । ବାୟୁମଣ୍ଡଳର ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି ଆଗାମୀ ଦିନରେ ମାନବ ସମାଜ ତଥା ସମଗ୍ର ବିଶ୍ୱପାଇଁ ଧ୍ୱଂସର କାରଣ ହେବ । ଏହି ଚେତାବନୀ ଗତ ଶତାବ୍ଦୀର ଶେଷ ଭାଗରେ ବୈଜ୍ଞାନିକମାନେ ଦେଇଥିବାବେଳେ ଆଜକୁ ୨୦୦ ବର୍ଷ ପୂର୍ବେ ଅର୍ଥାତ ୧୮୨୪ ମସିହାରେ ବୈଜ୍ଞାନିକ ପ୍ରଥମ ଥର ପାଇଁ ବାୟୁ ମଣ୍ଡଳରେ ଗ୍ରୀନ ହାଉସ (ଅଙ୍ଗାରକାମ୍ଳ) ଗ୍ୟାସ ଚିହ୍ନଟ କରିଥିଲେ । ଯେଉଁ ବୈଜ୍ଞାନିକ ଏହା ଚିହ୍ନଟ କରିଥିଲେ, ସେତେବେଳେ ସେ ରଖିଥିଲେ ଯେ, ଏହି ବିଶାଳ ଭୂଖଣ୍ଡରେ ବିଜ୍ଞାନର ସହାୟତାରେ ମାନବ ବିଶେଷ ଅଗ୍ରଗତି ହାସଲ କରିବ । ଅସମ୍ଭବକୁ ସମ୍ଭବରେ ପରିଣତ କରିପାରିବ । କିନ୍ତୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି ଜଳ, ସ୍ଥଳ, ଆକାଶକୁ ପ୍ରଭାବିତ କରିବା ସହ ସୃଷ୍ଟିର ଧ୍ୱଂସର କାରଣ ହେବା ନେଇ ଚେତାବନୀ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ୧୮୨୪ ମସିହାରେ ବାୟୁମଣ୍ଡଳରେ ଗ୍ରୀନ ହାଉସ ଗ୍ୟାସର ଉପସ୍ଥିତି ଚିହ୍ନଟ ହୋଇଥିବାବେଳେ ୧୮୯୬ ମସିହାରେ ପ୍ରଥମ ଥର ପାଇଁ ଗ୍ରୀନ ହାଉସର ପ୍ରଭାବ ଆକଳନ କରାଯାଇଥିଲା । ଏହାର ୧୦୦ବର୍ଷ ପରେ ଅର୍ଥାତ ୧୯୯୬ ମସିହାରେ ଜଳବାୟୁ ସଂକ୍ରାନ୍ତ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟମାନଙ୍କ ବୈଠକରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଇ ଦି ପ୍ଲାନେଟ (ବିଶ୍ୱର ସୁରକ୍ଷିତ) ପାଇଁ ଆହ୍ୱାନ ଦେଇଥିଲେ । ଇତି ମଧ୍ୟରେ ଜଳବାୟୁ ସଂକ୍ରାନ୍ତ ଶିଖର ବୈଠକ ବାରମ୍ବାର ଅନୁଷ୍ଠିତ ହୋଇଥିଲେ ମଧ୍ୟ ବୈଠକ କେବଳ ଆହ୍ୱାନ, ଘୋଷଣା ନାମା ମଧ୍ୟରେ ସୀମିତ ରହିଥିବା ମନେହୁଏ । ଉଭୟ ବିକାଶିତ ଏବଂ ବିକାଶମୁଖୀ ରାଷ୍ଟ୍ର ଏ ଦିଗରେ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଯେକୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରିଥିବା ପରିଲକ୍ଷିତ ହୁଏ ନାହିଁ । ଅନ୍ୟପକ୍ଷରେ ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି ସହ ବିଶ୍ୱ ତାପମାତ୍ରା ତଥା ଜଳବାୟୁ ଅଧିକରୁ ଅଧିକ ବିଗିଡିବାରେ ଲାଗିଛି । ଯାହାର ପରିଣତି ସ୍ୱରୂପ ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟାୟ ବଢିବାରେ ଲାଗିଛି । ଅସହ୍ୟ ଗ୍ରୀଷ୍ମ ପ୍ରବାହ, ଅତିବୃଷ୍ଟି, ଅନାବୃଷ୍ଟି, ବାଦଲଫଟା ବର୍ଷା ଏବଂ ଅତ୍ୟଧିକ ଶୀତର ପ୍ରକୋପ ବୃଦ୍ଧି ସହ ବାୟୁମଣ୍ଡଳ କ୍ରମଶଃ ବିଷାକ୍ତ ହେବାରେ ଲାଗିଛି । ଦିଲ୍ଲୀର ଉଦାହରଣ ଦିଆଯାଇପାରେ, ଜାତୀୟ ରାଜଧାନୀରେ ବାୟୁ ଏବେ ବିଷାକ୍ତ (ପ୍ରଦୁଷିତ) ଯେ, ଶୁଦ୍ଧ ଅମ୍ଳଜାନ ଏବେ ଦୁଷ୍ପ୍ରାପ୍ୟ ହୋଇଯାଇଥିବା ପରି ମନେହୁଏ । ଯାହା ମଣିଷ ସ୍ୱାସ୍ଥ୍ୟ ଉପରେ ସିଧାସଳଖ ପ୍ରଭାବ ପକାଉଛି । ଉଲ୍ଲେଖଯୋଗ୍ୟ ଯେ, ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଚଳିତ ବର୍ଷ ଗଲା ଜୁନମାସରେ ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ବିଶ୍ୱରେ ୫୦୦ କୋଟିରୁ ଊର୍ଦ୍ଧ୍ୱ ଲୋକ ହନ୍ତସନ୍ତ ହୋଇଛନ୍ତି । ହଜାର ହଜାର ଲୋକଙ୍କ ଜୀବନ ଯାଇଛି । ଗ୍ରୀଷ୍ମ ପ୍ରଧାନ ଦେଶ ଭାବେ ପରିଚିତ ଭାରତରେ ୬୧କୋଟିରୁ ଅଧିକ ଲୋକ ପ୍ରଭାବିତ ହୋଇଛି । ଦେଶରେ ଗ୍ରୀଷ୍ମ ପ୍ରବାହ ତଥା ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ । ବିଶ୍ୱ ବହୁ ରାଷ୍ଟ୍ର ଭୟାବହ ସାମୁଦ୍ରିକ ବାତ୍ୟା ତାଣ୍ଡବର ସମ୍ମୁଖୀନ ହୋଇଥିବାବେଳେ ଆମ ଦେଶର କେରଳରେ ବର୍ଷାର ତାଣ୍ଡବ ଏବଂ ଭୂସ୍ଖଳନ ଶହ ଶହ ଜୀବନ ନେଇଛି । ଦେଶରେ ବହୁ ଅଂଚଳରେ ବର୍ଷାର ପ୍ରକୋପ ଜନଜୀବନକୁ ଠପ କରିଦେଇଥିବାବେଳେ ବହୁ ଜୀବନ ନେଇଛି । ଆସନ୍ତା ଶୀତ ଋତୁରେ ଦେଶର କେତେକ ଅଂଚଳରେ ଶୀତର ପ୍ରକୋପ ଅସହ୍ୟ ହେବା ନେଇ ବହୁ ବିଶାରଦ ଚେତାବନୀ ଦେଇଛନ୍ତି । ଏଭଳି ପ୍ରାକୃତିକ ବିପର୍ଯ୍ୟାୟ ପାଇଁ କାହାକୁ ଦାୟୀ କରିବା ? ବେଳହୁଁ ସାବଧାନ ହୁଅ, ଅନ୍ୟଥା ବିନାଶ ଆଉ ବେଶୀ ଦୂର ନୁହେଁ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଭୁବନେଶ୍ୱର*

# ବିଶ୍ୱ କ୍ଷୁଧା ତାଲିକାରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ



ଆଶୁତୋଷ ନାୟକ

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି । ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ । ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ । ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ।ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର ।ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସମ୍ପୂର୍ଣ ଅଛି । ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମ ରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ । ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଦାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ ହେଉଛନ୍ତି । ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା । ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ସର୍ଭେ ? ରିପୋର୍ଟ ଅନୁସାରେ ପାଖାପାଖି ୧୯କୋଟି ଜନତା ଆମ ଦେଶରେ ପ୍ରତିଦିନ ଖାଇବାକୁ ନପାଇ ଭୋକରେ ଶୋଇବାକୁ ବାଧ ହେଉଛନ୍ତି । ୪୫୦୦ ଶିଶୁ ଯେଉଁ ମାନଙ୍କ ବୟସ ୫ବର୍ଷରୁ କମ ପ୍ରତିଦିନ ଖାଦ୍ୟ ଅଭାବରୁ ସେମାନଙ୍କ ଜୀବନ ପ୍ରଦୀପ ଲିଭିଯାଉଛି । ଏବେ କିଛିଦିନ ପୂର୍ବରୁ ଆସିଥିବା ବିଶ୍ୱ କ୍ଷୁଧା ସୂଚୀରେ ଭାରତ ୧୧୧ତମ ସ୍ଥାନରେ ରହିଛି । କିନ୍ତୁ ଏହି ରିପୋର୍ଟ କୁ ଆମ କେନ୍ଦ୍ର ସରକାର ସମ୍ପୂର୍ଣ ଭାବେ ଅସ୍ୱୀକାର କରୁଛନ୍ତି । ଏହି ରିପୋର୍ଟ ମାଧ୍ୟମରେ ଭାରତକୁ ମିଥ୍ୟା ବଦନାମ କରାଯାଇଛି ଏବଂ ଏହା ଭାରତ ବିରୋଧରେ ଏକ ଷଡଯନ୍ତ୍ର ବୋଲି କେନ୍ଦ୍ର ସରକାର ଦୃଢୋକ୍ତି ପ୍ରକାଶ କରିଛନ୍ତି । କିନ୍ତୁ ଏହି ରିପୋର୍ଟକୁ ସମ୍ପୂର୍ଣ ଭାବେ ତ୍ରୁଟିଯୁକ୍ତ କହିବା ଉଚ୍ଚିତ ହେବ ନାହିଁ । ଏଥିରେ ନିଶ୍ଚିତ ଭାବରେ କିଛି ସତ୍ୟତା ରହିଛି । ଏହାକୁ ସ୍ୱୀକାର କରିବାକୁ ପଡିବ । ନିଜର ରାଜନୈତିକ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଯାଇ ଏହି ରିପୋର୍ଟକୁ ଗମ୍ଭୀରତାର ସହ ବିଚ୍ଚାର କରିବାକୁ ପଡିବ । ୨୦୨୨ରେ ଏହି କ୍ଷୁଧା ସୂଚ୍ଚୀରେ ଭାରତ ୧୦୭ତମ ସ୍ଥାନରେ ଥିଲା କିନ୍ତୁ ଚ୍ଚଳିତବର୍ଷ ସେଥିରେ ଅବନତି ଘଟିଛି । ଭାରତକୁ ଏଥର ୨୮.୭ସ୍କ ?ର ମିଳିଛି । ଏହାର ଅର୍ଥ ଆମ ଦେଶରେ ଗମ୍ଭୀର କ୍ଷୁଧା ସମସ୍ୟା ରହିଛି । ଭାରତର ପଡୋଶୀ ରାଷ୍ଟ୍ର ଯଥା ପାକିସ୍ତାନ (୧୦୨),ବାଂଲାଦେଶ (୮୧),ନେପାଳ (୬୯),ଶ୍ରୀଲଙ୍କା (୫୦)ଅପେକ୍ଷାକୃତ ଭଲ ସ୍ଥିତି ରେ ଅଛନ୍ତି । ରିପୋର୍ଟ ଅନୁସାରେ ଭାରତରେ ଅପପୃଷ୍ଟି ସମସ୍ୟା ଚ୍ଚିନ୍ତାଜନକ ସ୍ଥିତିରେ ରହିଥିବା କୁହାଯାଇଛି । ଭାରତର ଶିଶୁ ଓ ଟେଷ୍ଟିଙ୍ଗ ହାର ୧୮.୭ପ୍ରତିଶତ ରହିଛି । ତେଣୁ ସମୟ ଆସିଛି ଦଳଗତ ନିର୍ବିଶେଷରେ ସବୁ ରାଜନୈତିକ ଦଳ କାଦୁଅଫିଙ୍ଗା ରାଜନୀତିରୁ ଉର୍ଦ୍ଧ୍ୱକୁ ଯାଇ ମିଳିତ ଭାବରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ରଣନୀତି ପ୍ରସ୍ତୁତ କରିବାକୁ ପଡିବ । ଏହି ଗମ୍ଭୀର କ୍ଷୁଧା ସମସ୍ୟା ସମସ୍ତଙ୍କ ମିଳିତ ସହଯୋଗରେ ନିଶ୍ଚିତ ଭାବରେ ଦୂର କରାଯାଇ ପାରିବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ।

*ଗୋପାଳପୁର, ,ୟ ବାଲେଶ୍ୱର*

# ଓଡିଶାରେ ନାରୀ ଜାଗରଣ ଓ ସରଳା ଦେବୀ

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ ଅନେକ ଲୁହ ଓ ଲହୁର କଥା କହେ । ୧୮୫୭ ମସିହା ସିପାହୀ ବିଦ୍ରୋହ ଠାରୁ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ବହୁ ବିପ୍ଳବୀ ଅଭୁତପୂର୍ବ ଆତ୍ମୋତ୍ସର୍ଗ ଓ ଦେଶପ୍ରେମର ବିରଳ ଦୃଷ୍ଟାନ୍ତ ରଖି ଯାଇଛନ୍ତି । ସେମାନଙ୍କ ସେହି ତ୍ୟାଗ ଚିରଦିନ ସ୍ମରଣୀୟ ହୋଇ ରହିବ । ଏହି ସ୍ୱାଧୀନତା ଆନ୍ଦୋଳନରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଜାତୀୟ ଆନ୍ଦୋଳନରେ ଜଗତସିଂହପୁର ଭୂମିକା ବି କୌଣସି ଗୁଣରେ କମ୍ ନ ଥିଲା । ଏହି ମାଟିର ସୁଯୋଗ୍ୟ ସନ୍ତାନ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର, ନିତ୍ୟାନନ୍ଦ କାନୁନ୍‌ଗୋ,ପଣ୍ଡିତ ପ୍ରାଣକୃଷ୍ଣ ପଡ଼ିହାରୀ, ନାରାୟଣ ବୀରବର ସାମନ୍ତ, ଗୌରାଙ୍ଗ ଚରଣ ଦାସ, ହରେକୃଷ୍ଣ ବିଶ୍ୱାଳ, ଜାତୀୟ କବି ବୀରକିଶୋର ଦାସ ଓ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ବିଶେଷକରି ଜଗତସିଂହପୁର ଯେଉଁ ମହୀୟସୀ ମହିଳାମାନେ ସେସମୟର ସାମାଜିକ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ସ୍ୱାଧୀନତା ଆନ୍ଦୋଳନର ଯଜ୍ଞବେଦୀରେ ଝାସ ଦେଇଥିଲେ, ସେମାନଙ୍କ ମଧ୍ୟରେ ଅଗ୍ନିକନ୍ୟା ସରଳା ଦେବୀ ଥିଲେ ଅଗ୍ରଗଣ୍ୟା । ୧୯୦୪ ମସିହା ଅଗଷ୍ଟ ୧୯ ତାରିଖରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ନରିଲୋ ଗ୍ରାମରେ ପିତା ବାସୁଦେବ କାନୁନ୍‌ଗୋ ଓ ମାତା ପଦ୍ମାବତୀଙ୍କ କୋଳମଣ୍ଡନ କରିଥିଲେ ସରଳା ଦେବୀ । ମାତ୍ର ତାଙ୍କ ପାଳକ ପିତା ଥିଲେ ବାସୁଦେବଙ୍କ ସାନ ଭାଇ ବାଳମୁକୁନ୍ଦ, ଯେକି ତତ୍କାଳୀନ ବ୍ରିଟିଶ୍ ଶାସନର ଥିଲେ ଜଣେ ଡେପୁଟି କଲେକ୍ଟର । ସରଳା ଦେବୀଙ୍କ ବିଦ୍ରୋହୀ ମନୋଭାବର ସୂଚନା ମିଳିଥିଲା ତାଙ୍କ କୈଶୋର ଜୀବନରୁ । ୧୯୧୮ ମସିହାରେ ମାତ୍ର ୧୪ ବର୍ଷ ବୟସରେ ଜଗତସିଂହପୁର ଚାଟ୍ରା ଗ୍ରାମର ବିଶିଷ୍ଟ ଜମିଦାର ଚୌଧୁରୀ ଦୁର୍ଗା ଚରଣ ମହାପାତ୍ରଙ୍କ ବଧୂ ହୋଇ ସାରିଲା ପରେ ବି ସେ ଘରର ଚାରିକାନ୍ଥ ଭିତରେ ଓଢଣା ପକାଇ ଚୁପ୍‌ଚାପ୍ ବସି ରହିବାକୁ ପସନ୍ଦ କରିନଥିଲେ । ୧୯୧୯ ମସିହାରେ ଜାଲିଆନାୱାଲାବାଗ୍‌ର ନରସଂହାର, ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ଓ ସତ୍ୟାଗ୍ରହ ସରଳାଙ୍କ ମନ ଭିତରେ ସୃଷ୍ଟିକଲା ଗଭୀର ଆଲୋଡନ । ସାମନ୍ତୀୟ ଅବଗୁଣ୍ଠନ ହଟାଇ, ଦାମ୍ପତ୍ୟ ପ୍ରେମର ସୁଖକୁ ଏଡାଇ ସରଳାଙ୍କ ପ୍ରାଣରେ ଅଙ୍କୁରିତ ହେଲା ଦେଶପ୍ରେମ ଭାବ । ଅବଶ୍ୟ ସ୍ୱାମୀ ଭାଗିରଥୀ ମହାପାତ୍ର ସରଳାଙ୍କ ଉଚ୍ଚାକାଂକ୍ଷାକୁ ସାକାର କରିବା ପାଇଁ ସୃଷ୍ଟି କରିଥଲେ ପର୍ଯ୍ୟାପ୍ତ ସୁଯୋଗ ଓ ବଢାଇଥିଲେ ସହଯୋଗର ହାତ । ୧୯୨୧ ମସିହାରେ ମହାତ୍ମାଗାନ୍ଧୀ ଅସହଯୋଗ ଆନ୍ଦୋଳନର ଡାକରା ଦେଲେ ଏବଂ ଏହି ଆନ୍ଦୋଳନକୁ ଓଡିଶାରେ ଆଗେଇ ନେବାକୁ ମହାତ୍ମାଗାନ୍ଧୀ ଓଡିଶା ଆସିଥାନ୍ତି । ମାହିଳାମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ କରିବା ଥିଲା ଏହି ଆଗମନର ମୂଳ ଲକ୍ଷ୍ୟ । ତାଙ୍କ ଉଦ୍ୟମ ଓ ପ୍ରେରଣାର ଫଳ ସ୍ୱରୂପ ୪୦ ଜଣ ମହିଳା ସେଦିନ ସଭାରେ ଯୋଗ ଦେଇଥିଲେ । ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ଥିଲା ସେଦିନ କାଠଯୋଡି ବାଲିରେ ଅନୁଷ୍ଠିତ ସେହି ସମାବେଶରେ ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ଓଡିଆରେ ଭାଷାନ୍ତର କରି ଉପସ୍ଥିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ ସରଳା ଦେବୀ ।

୧୯୩୦ ମସିହାର ଐତିହାସିକ ଲବଣ ସତ୍ୟାଗ୍ରହରେ ସରଳାଙ୍କର ଅବଦାନ ବି



ହିମାଂଶୁ ଶେଖର ଆଚାର୍ଯ୍ୟ

କିଛି କମ୍ ନଥିଲା । ସେତେବେଳେ ଓଡିଶାରେ ବାଲେଶ୍ୱର ଜିଲ୍ଲାର ଇ ୁଡିଠାରେ ଲୁଣ ମରାହେବା ପାଇଁ ସ୍ଥିର ହୋଇଥାଏ । ପୋଲିସ୍‌ର ଦମନ ଲୀଳାକୁ ଖାତିର ନକରି ସତ୍ୟାଗ୍ରହୀମାନେ ଇ ୁଡି ଅଭିମୁଖେ ଯାତ୍ରା କରିଥିଲେ । ସରଳା ଦେବୀ କେବଳ ଏଥିରେ ସାମିଲ ହୋଇନଥିଲେ ବରଂ ତାଙ୍କ ଦୃଢ ନେତୃତ୍ୱ ଯୋଗୁଁ ଅନେକ ନାରୀ ଏଥିରେ ଯୋଗ ଦେଇଥିଲେ । ସେହିପରି ଗଞ୍ଜାମର ହୁମାଠାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇ ସେ ଗିରଫ ହେଲେ ଓ ତାଙ୍କୁ ପ୍ରଥମେ ଛତ୍ରପୁର ଓ ପରେ ଭେଲୋରରେ ବନ୍ଦୀ କରି ରଖାଯାଇଥିଲା । କ୍ରମଶଃ ସରଳା ଦେବୀଙ୍କ ପ୍ରତି ବଢିଲା ସମବେଦନା ଓ ସମର୍ଥନ । ସେହିପରି ଓଡିଶାରେ ନାରୀମୁକ୍ତି ଆନ୍ଦୋଳନର ଇତିହାସ ସରଳାଙ୍କ ବିନା ଲେଖିବା ଅସମ୍ଭବ । ସେ ଥିଲେ ତାର ପ୍ରମାଣ । ସେ କହିଥିଲେ ନାରୀ ଜାଗିଲେ ପରିବାର ଜାଗିବ ଓ ପରିବାର ଜାଗିଲେ ଦେଶ ଜାଗିବ । ସେଥିପାଇଁ କୁନ୍ତଳା କୁମାରୀ ସାବତ, ବସନ୍ତ କୁମାର ଦେବୀ, ସରୋଜିନୀ ଚୌଧୁରୀ, କୋକିଳା ଦେବୀ ଓ ଜାହ୍ନବୀ ଦେବୀ ସହ ମିଶି ସେ ଗଠନ କରିଥିଲେ "ନିଖିଳ ଉତ୍କଳ ନାରୀ ପରିଷଦ" । ସଭାସମିତିରେ ତାଙ୍କର ଅଗ୍ନିବର୍ଷୀ ଓ ସାରଗର୍ଭକ ଭାଷଣ ସମସ୍ତଙ୍କ ମନରେ ଅପୂର୍ବ ଶିହରଣ ସୃଷ୍ଟି କରିଥିଲା ।

୧୯୩୬ ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା ବିପୁଳ ଜନ ସମର୍ଥନ ଲାଭକରି ସରଳା ଦେବୀ ମହିଳା ବିଧାୟିକା ରୂପେ ନିର୍ବାଚିତ ହେଲେ । ଜଣେ ବିଧାୟିକା ଭାବରେ ତାଙ୍କର କାର୍ଯ୍ୟକୁଶଳତା ତାଙ୍କୁ ଚିରଦିନ ଅବିସ୍ମରଣୀୟ କରି ରଖିବ । ବିଧାନସଭାରେ ପ୍ରାଥମିକ ଶିକ୍ଷା, ନାରୀଶିକ୍ଷା, କୃଷକ ଓ ଶ୍ରମିକ ଥଇଥାନ, ମହାଜନୀ କାରବାରର ବିରୋଧ, ଯୌତୁକ ପ୍ରଥା ଉଚ୍ଛେଦ ଆଦି ବିଷୟରେ ସେ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ । ଯୌତୁକ ବିରୋଧୀ ବିଲ୍ ଆଣି ସେ ଗୋଟିଏ ନୂଆ ପରମ୍ପରା ସୃଷ୍ଟି କରିଥିଲେ । ବିଧାୟିକା ଥିବା ସମୟରେ ସେ ଗୋଟିଏ ଦିନ ପାଇଁ ବାଚସ୍ପତି ଦାୟିତ୍ୱ ନେଇଥିଲେ । ସେଦିନ ସେ ବିଧାନସଭାର ପରମ୍ପରା ଭଙ୍ଗକରି ସେ ଘୋଷଣା କରିଥିଲେ – "ମୁଁ ଇଚ୍ଛା କରୁଛି ଯେ ଆଜି ଏ ସଭାରେ ସମସ୍ତ କାର୍ଯ୍ୟ ଓ ମାନ୍ୟବର ସଭ୍ୟମାନଙ୍କର ବକ୍ତବ୍ୟ ସବୁ ଓଡିଆ ଭାଷାରେ ହେଉ । ପୂର୍ବରୁ ଇଂରାଜୀ ଭାଷାରେ ଏ କାର୍ଯ୍ୟ ହେବାର ଯେଉଁ ପରମ୍ପରା ବଳବ ର ରହିଛି, ମୁଁ ତାକୁ ଆଜି ଭଙ୍ଗ କରୁଛି ।"

ସମାଜ ସେବା, ଅହିଂସା ସଂଗ୍ରାମ, ସତ୍ୟାଗ୍ରହ ଓ ରାଜନୈତିକ ଜୀବନବୋଧ ଭିତରେ ସାହିତ୍ୟ ସାଧନା ଥିଲା ସରଳାଙ୍କ ଜୀବନର ଅନ୍ତିମ ଲକ୍ଷ୍ୟ । ସରଳାଙ୍କ ଲାଗି ସାହିତ୍ୟ ଏକ ସୌଖୀନ ବିଳାସ ନୁହେଁ, ଥିଲା ସଂଗ୍ରାମର ଆଉ ଏକ ସୀମାନ୍ତ । ସାହିତ୍ୟର ବିଭିନ୍ନ ବିଭାଗ – ଗଳ୍ପ, ଉପନ୍ୟାସ, କବିତା, ଅନୁବାଦ, ଜୀବନୀ, ନାଟକ, ପ୍ରବନ୍ଧ ଏବଂ ସମାଲୋଚନା ପ୍ରଭୃତିରେ ସେ ହାତଦେଇ ଅସାମାନ୍ୟ ସଫଳତା ଅର୍ଜନ କରିଥିଲେ । କିନ୍ତୁ ନିବନ୍ଧ ରଚନାରେ ସେ ଥିଲେ ସିଦ୍ଧହସ୍ତ । ବିଶ୍ୱ ବିପ୍ଳବୀ, ଉତ୍କଳର ନାରୀ ସମସ୍ୟା, ନାରୀର ଦାବୀ ଓ ଭାରତୀୟ ମହିଳା ପ୍ରସଙ୍ଗ ନିବନ୍ଧଗୁଡିକ ତାଙ୍କ ପ୍ରଶସ୍ତ ଅଧ୍ୟୟନ ଓ ଶାଣିତ ବିଶ୍ଳେଷଣର ଗୋଟିଏ ଗୋଟିଏ ନମୁନା । ସେମିତି ନାରୀର ଦାବୀ ନିବନ୍ଧଟି ନାରୀ ସ୍ୱାଧୀନତାର ଆଦ୍ୟ ଇସ୍ତାହାର କହିଲେ ଭୁଲ ହେବନାହିଁ । ସାହିତ୍ୟ ସମାଲୋଚନା କ୍ଷେତ୍ରରେ ତାଙ୍କ ଦକ୍ଷତାକୁ ପ୍ରମାଣିତ କରେ ସମାଲୋଚନା ମୂଳକ ପ୍ରବନ୍ଧ "ସାରଳା ମହାଭାରତରେ ନାରୀ ଚିତ୍ର" ଓ "କୁନ୍ତଳା କୁମାରୀଙ୍କ ନାରୀ ପ୍ରତିଭା" ଗ୍ରନ୍ଥଦ୍ୱୟ । ଜଣେ ଲେଖିକା ଭାବରେ ନାଟକ ରଚନା କରି ସରଳା ଦେବୀ ନିଜପାଇଁ ଏକ ସ୍ୱତନ୍ତ୍ର ଛାପ ଛାଡି ଯାଇଛନ୍ତି । ଏହାର ପ୍ରମାଣ ହେଉଛି 'ସ୍ୱପ୍ନବାସବଦ ।' ଅନୁବାଦ ସହିତ ଐତିହାସିକ ନାଟକ 'ଭୀମା ଭୂୟାଁ' ଓ ମାନସିକ ନାଟକ 'ଯାଯାବର' । ସେହିପରି ଗଳ୍ପ ଓ ଉପନ୍ୟାସ ରଚନାରେ ସରଳା ତାଙ୍କ କଥା ଶୈଳୀର ଚମତ୍କାରିତା ପ୍ରଦର୍ଶନ କରିଛନ୍ତି । ସରଳା ଦେବୀ ଆଜି ଆମ ଗହଣରେ ନାହାଁନ୍ତି । ୧୯୮୬ ମସିହା ଅକ୍ଟୋବର ୪ତାରିଖରେ ତାଙ୍କର ଦେହାନ୍ତ ହୋଇଯାଇଛି । ହେଲେ ଓଡିଶାର ରାଜନୀତି, ସମାଜ ସେବା, ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ, ସଂସ୍କୃତି ଓ ସଂଗଠନ କ୍ଷେତ୍ରରେ ଯେଉଁ ସ୍ୱାକ୍ଷର ଛାଡିଯାଇଛନ୍ତି ତାହା ଚିରଦିନ ଆମକୁ ଅନୁପ୍ରାଣିତ କରୁଥିବ ଏଥିରେ ସନ୍ଦେହ ନାହିଁ ।

ସଭାପତି
ସାରସ୍ୱତ ପରିଷଦ,ଜଗତସିଂହପୁର
ମୋ – ୯୩୩୭୨୨୧୯୨୪

# ବିତର୍କିତ ବ୍ୟକ୍ତିତ୍ୱ ଟି ଇ ରେଭେନ୍ସା ବନାମ ରେଭେନ୍ସା ନାମିତ ଶିକ୍ଷାନୁଷ୍ଠାନ ର ନାମ ପରିବର୍ତ୍ତନ ଚର୍ଚ୍ଚା

ନିକଟ ଅତୀତରେ ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ଚର୍ଚ୍ଚାର ବିଷୟ ହୋଇଛି ଯେ ରେଭେନ୍ସା ନାମିତ ଶିକ୍ଷାନୁଷ୍ଠାନ ସବୁର ନାମ ପରିବର୍ତ୍ତନ କାରଣ ୧୮୬୬ ମସିହାରେ ଓଡ଼ିଶାରେ ଯେଉଁ ନଅଙ୍କ ଦୁର୍ଭିକ୍ଷ ର ସାମ୍ନା କରିବାକୁ ପଡିଥିଲା ସେଥିପାଇଁ ସେ ସମୟରେ ଓଡିଶା ଉପଖଣ୍ଡରେ ନବ ନିଯୁକ୍ତ କମିଶନର ଥମାସ ଏଡୱାର୍ଡ ରେଭେନ୍ସା ସାହେବ ସ୍ୱୟଂ ଦାୟୀ ଏବଂ ଏହା ପରେ ପରେ ଏହା ଏକ ସର୍ବତ୍ର ଚର୍ଚ୍ଚା ର ବିଷୟ ପାଲଟି ଆସିଛି । ସେ ଯାହା ହେଉ ନା କାହିଁକି କିନ୍ତୁ ଇତ୍ୟବସରରେ ଟି ଇ ରେଭେନ୍ସା ଙ୍କ ବ୍ୟକ୍ତିତ୍ୱ ଏବଂ କମିଶନର କାର୍ଯ୍ୟକାଳ ସମୟରେ ତାଙ୍କର ଓଡିଶା ତଥା ଓଡିଶାବାସୀ ଙ୍କ ପ୍ରତି ବାସ୍ତବ ଆଭିମୁଖ୍ୟ କଣ ଥିଲା ସେ ସମ୍ବନ୍ଧରେ ଇତିହାସର ପୃଷ୍ଠା ଓଲଟାଇବାକୁ ଏକ ଖୋରାକ ମିଳିଛି ନିଶ୍ଚୟ । ସମଗ୍ର ଭାରତବର୍ଷ ଇଂରେଜ ଶାସନ ଦ୍ୱାରା କବଳିତ ହୋଇସାରିବାପରେ ବ୍ରିଟିଶ ମାନଙ୍କର ଓଡିଶାରେ ପ୍ରବେଶ ହୁଏ ୧୮୦୩ ମସିହାରେ ଯେତେବେଳେ ବଙ୍ଗ-ବିହାର-ଓଡିଶା ଏକତ୍ର ଶାସନାଧୀନ ଭାବରେ ପରିଚ୍ଚାଳିତ ହୋଇଆସୁଥିଲେ । ୧୮୬୫ ମସିହା ଜୁଲାଇ ମାସ ରେ ଟି ଇ ରେଭେନ୍ସା ଓଡିଶା ଭୂଖଣ୍ଡ ପାଇଁ ଜଣେ ଦକ୍ଷ ପ୍ରଶାସକ ଏବଂ କମିଶନର ଭାବରେ ନିଯୁକ୍ତ ହୁଅନ୍ତି ଏବଂ ତାଙ୍କର କାର୍ଯ୍ୟକାଳ ଶେଷ କରି ଓଡିଶା ରୁ ବିଦାୟ ନିଅନ୍ତି ୧୮୭୮ ମସିହା ଏପ୍ରିଲ ମାସ ୫ ତାରିଖ ଦିନ । ଏହି ସମୟ ମଧ୍ୟରେ ସେ ଅନେକ ଘଟଣା ତଥା ଦୈବ ଦୁର୍ବିପାକ ସବୁର ସାମନା କରିଥିଲେ ସେଥି ମଧ୍ୟରୁ ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ଥିଲା ବାସ୍ତବିକ ହୃଦୟ ବିଦାରକ ଯାହାର ଫଳ ସ୍ୱରୂପ ପ୍ରାୟ ୩୦ ଲକ୍ଷ ଓଡ଼ିଆଙ୍କ ଅନାହାର ମୃତ୍ୟୁ ଏକ କଳଙ୍କିତ ଅଧ୍ୟାୟ ନିଶ୍ଚୟ । ଇତ୍ୟବସରରେ ନଅଙ୍କ ଦୁର୍ଭିକ୍ଷ କୁ ୧୫୮ ବର୍ଷ ଅତିବାହିତ ହୋଇସାରିଲାଣି କିନ୍ତୁ ଆଜି ଅର୍ଥାତ ୨୦୨୪ ମସିହାରେ କଟକ ସହରରେ ଅବସ୍ଥିତ ଐତିହ୍ୟ ସମ୍ପର୍ଣ୍ଣ ୩ଟି ଶିକ୍ଷାନୁଷ୍ଠାନ ର ନାମକରଣ ପ୍ରସ୍ତାବ ପାଇଁ ଯେଉଁ ତର୍କ ବିତର୍କ ଚ୍ଚାଲିଛି ସେଥିପାଇଁ କମିଶନର ରେଭେନ୍ସା ଙ୍କୁ ଜଣେ ନରହନ୍ତା ଭାବରେ ଚିତ୍ରଣ କରି ସମ୍ପୂର୍ଣ୍ଣ ଭାବରେ ତାଙ୍କୁ ଦାୟୀ କରିବା କେତେଦୂର ଯଥାର୍ଥ ତାହା ଏବେ ଆଲୋଚ୍ଚନା ସମାଲୋଚ୍ଚନା ର ପ୍ରସଙ୍ଗ ହୋଇସାରିଛି । ଅବଶ୍ୟ କେଉଁଠି ନା କେଉଁଠି ଏହାର ଉଚ୍ଚିତ ମୁକାବିଲା କିମ୍ବା ପରିଚ୍ଚାଳନା ରେ ତ୍ରୁଟି ବିଚ୍ୟୁତି ହେବା କାରଣରୁ ଏତେ ସଂଖ୍ୟକ ଲୋକ ମାନଙ୍କୁ ମୃତ୍ୟୁବରଣ କରିବାକୁ ପଡିଥିଲା ନିଶ୍ଚୟ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପରିଚ୍ଚାଳନା ତ୍ରୁଟି ପାଇଁ ସ୍ୱୟଂ ରେଭେନ୍ସା ଙ୍କ ସମେତ ସେ ସମୟର ବ୍ରିଟିଶ ସରକାର ମଧ୍ୟ ଓଡିଶାବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ । କିନ୍ତୁ ରେଭେନ୍ସା ମହାଶୟ ନିଜେ ଜଣେ କେବଳ ଦକ୍ଷ ପ୍ରଶାସକ ନ ଥିଲେ ବରଂ ଜଣେ ଶିକ୍ଷାବିତ ଭାବରେ ମଧ୍ୟ ପରିଚ୍ଚିତ ଥିଲେ ଏବଂ ସେଥିପାଇଁ ତାଙ୍କର ହୃଦବୋଧ ହୋଇଥିଲା ଯେ ଓଡିଶାବାସୀ ନିଜ ନିଜ ଅଞ୍ଚଳରେ ଶିକ୍ଷିତ ହେବାର ଆବଶ୍ୟକତା ଅଛି ଯାହା ଫଳରେ ଏହି କରାଳ ଦୁର୍ଭିକ୍ଷ କୁ ମୁକାବିଲା କରିବାରେ କିଛି ପରିମାଣରେ ସହାୟକ ହୋଇପାରିଥାନ୍ତା । ନଅଙ୍କ ଦୁର୍ଭିକ୍ଷ ପ୍ରଭାବରେ ଓଡିଶା ମାଟିରେ ପ୍ରଚ୍ଚଳିତ ପ୍ରାଥମିକ ଶିକ୍ଷା ବହୁଭାବରେ ପ୍ରଭାବିତ ହୋଇସାରିଥିଲା ଏବଂ ସେତେବେଳେ ଉଚ୍ଚଶିକ୍ଷା ପାଇଁ ଇଚ୍ଛୁକ ଓଡ଼ିଆ ମାନଙ୍କୁ କଲିକତା ଯିବାକୁ ପଡୁଥିଲା । ଓଡ଼ିଶାର ସର୍ବପୁରାତନ ବିଦ୍ୟାଳୟ ହେଉଛି 'କଟକ ଜିଲ୍ଲା ସ୍କୁଲ' ଯାହାର ପ୍ରତିଷ୍ଠା ହୋଇଥିଲା ୧୮୫୧ ମସିହାରେ କଟକ ସହର ଠାରେ ଏବଂ ଓଡ଼ିଶାରେ ଇଂରାଜୀ ଶିକ୍ଷା ର ପ୍ରସାର ପାଇଁ ଏହି ସ୍କୁଲ ରେ ୧୮୬୮ ମସିହାରେ ଇଣ୍ଟରମିଡିଏଟ ପାଠ୍ୟକ୍ରମ ପ୍ରଚ୍ଚଳନ କରିବା ହେତୁ ଏହାର ସ୍ଥିତାବସ୍ଥା ରେ ପରିବର୍ତ୍ତନ ଆଣି ଏହା ଏକ ବିଦ୍ୟାଳୟରୁ ମହାବିଦ୍ୟାଳୟ କୁ ରୂପାନ୍ତରିତ କରି ସ୍କୁଲ ର ନାମ କଲିଜିଏଟ ସ୍କୁଲ ନାମରେ ପରିଚ୍ଚିତ ହୋଇଥିଲା ପରବର୍ତ୍ତୀ ସମୟରେ ଏହା ରେଭେନ୍ସା କଲିଜିଏଟ ସ୍କୁଲ ଭାବରେ ସର୍ବତ୍ର ପରିଚ୍ଚିତ ହୋଇଆସିଛି । ବ୍ରିଟିଶ ଶାସନ ସମୟରେ ଓଡ଼ିଶାରେ ମହିଳା ମାନଙ୍କ ପାଇଁ ଶିକ୍ଷା ଏକ ଦୁଃସ୍ୱପ୍ନ ଥିଲା ଏବଂ କୌଣସି ନାରୀ ସେତେବେଳେ କୌଣସି ଅନ୍ଧ ବିଶ୍ୱାସ ହେଉ



ବିଶ୍ୱଜିତ ପାଣି

ଅବା ରକ୍ଷଣଶୀଳ ତଥା ପାରିବାରିକ ପ୍ରତିବନ୍ଧତା ହେଉ ସେମାନଙ୍କୁ ପ୍ରାଥମିକ ଶିକ୍ଷାରୁ ବଂଚ୍ଚିତ ହେବାକୁ ପଡୁଥିଲା । ନାରୀଶିକ୍ଷା ର ଆବଶ୍ୟକତାକୁ ଉପଲବ୍ଧି କରି ରେଭେନ୍ସା ମହାଶୟ ସରକାରୀ ଆର୍ଥିକ ସହାୟତା ମାଧ୍ୟମରେ କଟକ ସହରରେ ଏକ ପ୍ରାଥମିକ ବିଦ୍ୟାଳୟ 'କଟକ ଗାର୍ଲସ ସ୍କୁଲ' ପ୍ରତିଷ୍ଠା କରିଥିଲେ ଏବଂ ୧୮୭୩ ମସିହାରେ ଏହାର ନାମ ପରିବର୍ତ୍ତନ କରି 'ରେଭେନ୍ସା ହିନ୍ଦୁ ଗାର୍ଲସ ସ୍କୁଲ' ନାମରେ ନାମିତ ହେଲା ଏବଂ ଯାହା ଆଜି 'ରେଭେନ୍ସା ଗାର୍ଲସ ହାଇସ୍କୁଲ' ବା 'ରେଭେନ୍ସା ବାଳିକା ବିଦ୍ୟାଳୟ' ଭାବରେ ପରିଚ୍ଚିତ । ଓଡିଶା ମାଟିରେ ଓଡ଼ିଆ ମାନଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହିତ କରିବା ପାଇଁ ରେଭେନ୍ସା ସାହେବ ସେସମୟରେ ଅବସ୍ଥାପିତ ବେଙ୍ଗଲ ର ଉପରାଜ୍ୟପାଳ ସାର ରିଚ୍ଚାର୍ଡ ଟେମ୍ପଲ ଙ୍କ ସ୍ୱୀକୃତି କ୍ରମେ କଟକ ଠାରେ ଏକ ସ୍ୱୟଂସମ୍ପୂର୍ଣ୍ଣ ଡିଗ୍ରୀ ମହାବିଦ୍ୟାଳୟ ସ୍ଥାପନା କରିବା ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ ଏବଂ ଏହାଦ୍ୱାରା ଆଗ୍ରହୀ ଓଡ଼ିଆ ମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆଉ କଲିକତା କିମ୍ବା ପାଟନା ଯିବାର ଆବଶ୍ୟକତା ପଡିଲା ନାହିଁ । ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅଜସ୍ର ଅର୍ଥର ଆବଶ୍ୟକତା ଥିବାରୁ ବେଙ୍ଗଲ ସରକାର ଜନସାଧାରଣଙ୍କ ଠାରୁ ୩୦ ହଜାର ଟଙ୍କା ଆଦାୟର ସର୍ତ୍ତ ରଖିଲେ ଏବଂ ମୟୂରଭଞ୍ଜ ର ତତ୍କାଳୀନ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ନିଜର ବଦାନ୍ୟତା ସ୍ୱରୂପ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ ଯାହା ଦ୍ୱାରା 'କଟକ କଲେଜ' ନାମରେ ନାମିତ ଏହା ଏକ ସ୍ୱୟଂ ସମ୍ପୂର୍ଣ୍ଣ ମହାବିଦ୍ୟାଳୟ ଭାବରେ ସ୍ଥାପିତ ହୋଇପାରିଥିଲା ଯାହା କଲିକତା ବିଶ୍ୱବିଦ୍ୟାଳୟ ସହିତ ଅନୁବନ୍ଧିତ ହୋଇଥିଲା ଏବଂ ଏହାର ପ୍ରଥମ ଅଧକ୍ଷ ଭାବରେ ଯୋଗ ଦେଇଥିଲେ ସାମୁଏଲ ଅଗର । କମିଶନର ରେଭେନ୍ସା ମହାଶୟ ଙ୍କ ଓଡିଶା ତଥା ଓଡିଆମାନଙ୍କ ପ୍ରତି ଥିବା ଦୃଢ ଇଚ୍ଛା, ନିଷ୍ଠା ଏବଂ ପ୍ରତିବଦ୍ଧତା କୁ ସମ୍ମାନ ଜଣାଇ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ୧୮୭୮ ମସିହାରେ କଟକ କଲେଜ ର ନାମକରଣ ପରିବର୍ତ୍ତନ କରି ରେଭେନ୍ସା ମହାବିଦ୍ୟାଳୟ ରେ ନାମିତ କରିବା ପାଇଁ ଇଚ୍ଛା ପ୍ରକାଶ କରି ସଫଳ ହୋଇଥିଲେ ମଧ୍ୟ । ପରବର୍ତ୍ତୀ ସମୟରେ ରେଭେନ୍ସା ମହାବିଦ୍ୟାଳୟ ୧୯୧୭ ମସିହାରେ ନବ ପ୍ରତିଷ୍ଠିତ ପାଟନା ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହୋଇଥିଲା ଏବଂ ୧୯୪୩ ମସିହାରେ ନବ ଗଠିତ ଉତ୍କଳ ବିଶ୍ୱବିଦ୍ୟାଳୟ ସହିତ ମଧ୍ୟ ଅନୁବନ୍ଧିତ ରହିଆସିଥିଲା । ଏହି ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନ ରେଭେନ୍ସା ମହାବିଦ୍ୟାଳୟ ର ଗୌରବ ଏବଂ ଗାରିମା କୁ ଉପଲବ୍ଧି କରି ତତ୍କାଳୀନ ଓଡିଶା ସରକାର ୧୯୮୯ ମସିହାରେ ଏହାକୁ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପ୍ରଦାନ କଲେ ଏବଂ ୨୦୦୬ ମସିହାରେ ଏକକ ବିଶ୍ୱବିଦ୍ୟାଳୟ ଭାବରେ ମାନ୍ୟତା ପାଇ ଅଦ୍ୟାବଧି ରେଭେନ୍ସା ବିଶ୍ୱବିଦ୍ୟାଳୟ ଭାବରେ କାର୍ଯ୍ୟ କରିଆସୁଅଛି । ଏହି ଐତିହାସିକ ମର୍ଯ୍ୟାଦା ସମ୍ପନ୍ନ ଶିକ୍ଷାନୁଷ୍ଠାନରେ କେହି ଅଧ୍ୟୟନ କରିଥାନ୍ତୁ ବା ନ କରିଥାନ୍ତୁ କିନ୍ତୁ ସମସ୍ତଙ୍କର ଭାବାବେଗ ରହିଆସିଛି ଏବଂ ଭବିଷ୍ୟତରେ ରହି ଆସିବ ମଧ୍ୟ । ରେଭେନ୍ସା ମହାବିଦ୍ୟାଳୟ ରୁ ରୂପାନ୍ତରିତ ହୋଇଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ ଅନେକ ସ୍ମୃତି ଏବଂ କିର୍ତ୍ତୀ ବହନ କରିଆସିଛି । ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ପରେ ଓଡ଼ିଶାର ପୁରାତନ ରାଜଧାନୀ କଟକ ସହରରେ ପ୍ରଥମ ବିଧାନସଭା ଅଧିବେଶନ ଆରମ୍ଭ ହେବା ସହିତ ୧୮୬୯ ମସିହାରେ ଓଡ଼ିଶାର ପ୍ରଥମ ଆଇନ ମହାବିଦ୍ୟାଳୟ 'ମଧୁସୂଦନ ଆଇନ ମହାବିଦ୍ୟାଳୟ' ର ସ୍ଥାପନ ଏବଂ ୧୯୪୩ ମସିହାରେ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ 'ଉତ୍କଳ ବିଶ୍ୱବିଦ୍ୟାଳୟ' ର ସ୍ଥାପନା ମଧ୍ୟ ଏହି ରେଭେନ୍ସା ମହାବିଦ୍ୟାଳୟ ତଥା ଆଜିର ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ହୋଇଥିଲା ତାହା ଆଜି ଅନେକ ସ୍ମୃତି ବହନ କରିଆସିଛି । ଏହି ଐତିହାସିକ ଶିକ୍ଷାନୁଷ୍ଠାନ ଅନେକ ବିଚ୍ଚକ୍ଷଣ ପ୍ରତିଭା ସୃଷ୍ଟି କରିବା ସହିତ ସ୍ୱାଧୀନତା ସଂଗ୍ରାମ ଆନ୍‌ଦୋଳନରେ ବ୍ରତୀ ହୋଇଥିବା ଅନେକ ସଂଗ୍ରାମୀ ନାରୀ ଏବଂ ପୁରୁଷ ମାନଙ୍କ ପରିଚ୍ଚୟ ସୃଷ୍ଟି କରି ନିଜକୁ ଗର୍ବିତ ମନେ କରିଆସିଛି । ଏତଦ ବ୍ୟତୀତ ଅନେକ ସ୍ମୃତି ବହନ କରିଆସିଥିବା ଏହି ଐତିହ୍ୟ ସମ୍ପନ୍ନ ୧୫୬ ବର୍ଷର ରେଭେନ୍ସା ବିଶ୍ୱବିଦ୍ୟାଳୟ ଯାହା ଏକ ସ୍ୱତନ୍ତ୍ର ପରିଚ୍ଚୟ ସୃଷ୍ଟି କରିପାରିଛି ତାହାର ଆଲୋଚ୍ଚିତ ନାମ ପରିବର୍ତ୍ତନ ପ୍ରସ୍ତାବ କେତେଦୂର ଯଥାର୍ଥ ତାହା ଆମର ପ୍ରତ୍ୟେକ ବୁଦ୍ଧିଜୀବୀ ନିରପେକ୍ଷତାର ସହ ଚ୍ଚିନ୍ତନ କରିବାର ସମୟ ଆସିଛି ଯାହାର ଗାରିମା କେବଳ କଟକ ସହର ଅବା ଓଡିଶା ପ୍ରଦେଶରେ ସୀମିତ ହୋଇ ରହି ନାହିଁ ବରଂ ଦେଶ ବିଦେଶ ରେ ମଧ୍ୟ ଏହାର ଗୌରବ ପ୍ରସ୍ଫୁଟିତ ହୋଇଆସିଛି ।

। ସର୍ବଶେଷରେ ଯଦି କୌଣସି ଶିକ୍ଷାନୁଷ୍ଠାନ ବ୍ୟକ୍ତି ବିଶେଷରେ ନାମକରଣ କରାଯାଇ ନାହିଁ ତେବେ ତାହାର ନାମକରଣ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ କିନ୍ତୁ ସର୍ବସାଧାରଣରେ କୌଣସି ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱକୁ ନ୍ୟୁନ କରି ତାଙ୍କ ନାମରେ ନାମିତ ଶିକ୍ଷାନୁଷ୍ଠାନସବୁ ର ନାମକୁ ପରିବର୍ତ୍ତନ କରିବା ଆଦୌ ବୁଦ୍ଧିମତାର ପରିଚ୍ଚାୟକ ନୁହେଁ ବରଂ ଏହା ଏକ ବିଷାକ୍ତ ପରମ୍ପରା ବୋଲି ଭାବିନେବାକୁ ହେବ । ଜୟ ହିନ୍ଦ ।

*ଆଡ଼ଭୋକେଟ*
*ଅରୁଣୋଦୟ ନଗର, କଟକ-୧୨*

# ବଜାରରେ ମିଳୁଥିବା ୨୫ ପ୍ରତିଶତ ଔଷଧ ନକଲି

ଦେଶର ଔଷଧ କମ୍ପାନୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କେତେକ ଔଷଧର ଗୁଣବ । ନିମ୍ନମାନର ଥିବା ଜଣାପଡିଛି । ଏହା ନିଶ୍ଚିତ ଚିନ୍ତାର ବିଷୟ । ସାଧାରଣ ଭାବେ ଲୋକେ ଡାକ୍ତରଙ୍କୁ ଦ୍ୱୀତୀୟ ଭଗବାନ ଓ ଔଷଧକୁ ସଞ୍ଜିବନୀ ବୋଲି ଭାବିଥାନ୍ତି । ଔଷଧକୁ ସଞ୍ଜିବନୀ ବୋଲି ଭାବିବାର କାରଣ ହେଉଛି ଏହା ଜୀବନ ରକ୍ଷକ । ରୋଗୀ ବିଶ୍ୱାସର ସହ ଏହାକୁ ଖାଇଥାଏ ଓ ଭାବିଥାଏ ଯେ ଏହାକୁ ଖାଇବା ଦ୍ୱାରା ତାର ରୋଗ/ଦେହ ଭଲ ହୋଇଯିବ ଓ ସେ ସୁସ୍ଥ ହୋଇଉଠିବ । କିନ୍ତୁ ରୋଗୀଙ୍କ ଏହି ବିଶ୍ୱାସ ସହ କେତେକ ଔଷଧ କମ୍ପାନୀ ଖେଳ ଖେଳୁଛନ୍ତି ଓ ଏହା କେବଳ ଅର୍ଥ ଲୋଭରେ । ଏହାକୁ ସିଧା ଅର୍ଥରେ ରୋଗୀଙ୍କ ସହ ଧୋକା ଓ ବିଶ୍ୱାସଘାତକତା ବୋଲି କୁହାଯାଇପାରେ । ଏଭଳି କାର୍ଯ୍ୟ କ୍ଷମାର ଯୋଗ୍ୟ ନୁହେଁ । ଏବେ ସେ ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କ ୍ରାଲ ଅର୍ଗାନାଇଜେସନ (ସିଡିଏସ୍‌ସିଓ) ପକ୍ଷରୁ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଔଷଧକୁ ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି ସେଥିରୁ ଜଣାପଡିଛି ଯେ ଦେଶରେ ବିକ୍ରୀ ହେଉଥିବା ୫୩ ପ୍ରକାଶର ଔଷଧ ନିମ୍ନମାନର । ଏହି ଔଷଧ ଗୁଣବ । ପରୀକ୍ଷାରେ ଫେଲ ହୋଇଛନ୍ତି । ଏଣୁ ଏବେ ସାଧାରଣ ଲୋକଙ୍କ ମନରେ ସନ୍ଦେହ ଉପୁଜିବା ସ୍ୱାଭାବିକ୍ ଯେ ବଜାରରେ ମିଳୁଥିବା ଔଷଧ କ'ଣ ନକଲି ? ଲୋକଙ୍କ ସନ୍ଦେହ ମଧ୍ୟ ଠିକ୍ । କାରଣ ଏକ ଅଧ୍ୟୟନ ଅନୁସାରେ ବଜାରରେ ମିଳୁଥିବା ପାଖାପାଖି ୨୫



ଗୋପାଳ ମହାପାତ୍ର

ପ୍ରତିଶତ ଔଷଧ ନକଲି । ନକଲି କୁହାଯିବାର ଅର୍ଥ ହେଉଛି କେତକ ଜାଲ କମ୍ପାନୀ ମାନେ ନାମୀ କମ୍ପାନୀଙ୍କ ଲେବୁଲକୁ ନକଲି କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଔଷଧକୁ ବଜାରକୁ ଛାଡୁଛନ୍ତି । ଏବେ ସିଡିଏସ୍‌ସିଓ ପକ୍ଷରୁ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତଦନୁସାରେ ସାଧାରଣ ଜ୍ୱର ପାଇଁ ବଜାରରେ ମିଳୁଥିବା ପାରାସେଟାମଲ ସମେତ ଅନେକ ପ୍ରକାରର ଔଷଧ ଏମିତି ଯେ ଯାହାର ସାମ୍ପୁଲ ପରୀକ୍ଷାଗାରରେ କରାଯାଇଥିବା ପରୀକ୍ଷଣରେ ଫେଲ ହୋଇଛନ୍ତି । ଏସବୁ ଔଷଧ ମଧ୍ୟରେ ରହିଛି ଫ୍ଲୁକୋନଜାଲ, ଭିଟାମିନ ଡି ସପ୍ଲିମେ ,ରକ୍ତଚାପ ଏବଂ ଡାଇବେଟିସର ଔଷଧ । ପରୀକ୍ଷାଗାରକୁ ଯେଉଁ ସବୁ ଔଷଧ ନିଆଯାଇଥିଲା ସେସବୁ ଔଷଧର ଲେବୁଲ ମଧ୍ୟ ନାମୀ କମ୍ପାନୀର ଥିଲା । ଯେତେବେଳେ ସିଡିଏସ୍ ଓ ସଂପୃକ୍ତ କମ୍ପାନୀ ମାନଙ୍କୁ ଏ ସମ୍ପର୍କରେ ସ୍ପଷ୍ଟିକରଣ ମାଗିଲା ସେତେବେଳେ କମ୍ପାନୀ ମାନେ ଉ ର ଦେଲେ ଯେ ଔଷଧର ଲେବୁଲ ଉପରେ ଯେଉଁ ବ୍ୟାଚ ଲେଖାଯାଇଛି ସେଭଳି ବ୍ୟାଚର ଔଷଧ ସେମାନେ ପ୍ରସ୍ତୁତ କରୁନାହାଁନ୍ତି । ଏହାର ସିଧା ଅର୍ଥ ହେଉଛି କେହି ଜାଲ କମ୍ପାନୀ ନକଲି ଔଷଧ ପ୍ରସ୍ତୁତ କରି ବଜାରକୁ ଛାଡୁଛି ।ଭାରତୀୟ ଆୟୋଗ ସଂଗଠନ ଏସୋଚେମ ୨୦୨୨ରେ ଜାରି କରିଥିବା ରିପୋର୍ଟରେ ପ୍ରକାଶ କରିଥିଲା ଯେ ବଜାରରେ ଉପଲବ୍ଧ ଔଷଧ ମଧ୍ୟରୁ ୨୫ ପ୍ରତିଶତ ନକଲି । ଫେକ ଆଣ୍ଡ କାଉ ରଫିଟ ଡ୍ରଗ୍ସ ଇନ୍ ଇଣ୍ଡିଆ-ବୁମିଙ୍ଗ ବିଜ ନାମକ ଏହି ରିପୋର୍ଟର ଦେଶରେ ବାର୍ଷିକ ୧୪ରୁ ୧୭ ଅରବ ଡ଼ଲାରର ଔଷଧ ବିକ୍ରୀ ହୋଇଥାଏ । ଏହାର ୨୫ ପ୍ରତିଶତ ନକଲି ବା ନିମ୍ନମାନର ଔଷଧ । କେବଳ ଏତିକି ନୁହେଁ ରିପୋର୍ଟରେ କୁହାଯାଇଥିଲା ଯେ ଦେଶରେ ନକଲି ଔଷଧର କାରବାର ବଢ଼ିବାରେ ଲାଗିଛି । ରିପୋର୍ଟରେ ଏକଥା ମଧ୍ୟ ଉଲ୍ଲେଖ ଥିଲା ଯେ ସରକାରୀ ଡାକ୍ତରଖାନା ମାନଙ୍କରେ ମିଳୁଥିବା ଔଷଧ ମଧ୍ୟରୁ ୩୮ ପ୍ରତିଶତ ଔଷଧ ନିମ୍ନମାନର । ବଜାରକୁ ଆସୁଥିବା ଔଷଧ ଦେଖିବାକୁ ଅସଲିଭଳି ଲାଗିଥାଏ କିନ୍ତୁ ଲେବଲିଙ୍ଗରେ କେତେକ ତୃଟି କାରଣରୁ ଅନେକ ସମୟରେ ଅସଲି ନକଲି ମଧ୍ୟରେ ଥିବା ପାର୍ଥକ୍ୟ ଜଣାପଡେ ।କେନ୍ଦ୍ର ସରକାର ୩୦୦ ବ୍ରାଣ୍ଡେଡ଼ ନାମରେ ବିକ୍ରୀ ହେଉଥିବା ଔଷଧକୁ ବିଜ୍ଞପିତ (ନୋଟିଫାଇ) କରିଛନ୍ତି ଓ ୨୦୨୩ ଅଗଷ୍ଟ ମାସ ଠାରୁ ଏସବୁ ଔଷଧର ଡ଼ବା (ଖୋଳ) ଉପରେ ବାରକୋଡ୍ ବା କ୍ୟୁଆରକୋଡ୍ ରହିବା ବାଧ୍ୟତା ମୂଳକ ହୋଇଛି । ଏହି ବାରକୋଡ୍ ବା କ୍ୟୁଆରକୋଡ୍‌କୁ ସ୍କାନ କଲେ ସଂପୂର୍ଣ୍ଣ ବିବରଣୀ ମିଳିପାରିବ । ନକଲି ଔଷଧର ବାରକୋଡ୍‌କୁ ସ୍କାନକଲେ କୌଣସି ତଥ୍ୟ ମିଳେ ନାହିଁ । ଏଣୁ କିଣିବା ସମୟରେ ଏସବୁ ଦେଖିବା ଆବଶ୍ୟକ । ଭାରତ ଫାର୍ମାସ୍ୟୁଟିକାଲ କ୍ଷେତ୍ରରେ ବିକାଶ କରିବାରେ ଲାଗିଛି । ଆଶାକରାଯାଏ ଯେ୨୦୩୦ ସୁଦ୍ଧା ଏହାର ବଜାର ୧୩୦ ଅରବ ଡ଼ଲାରରେ ପହ ୍ବ । ଗତ ସେପ୍ଟେମ୍ବର ୨୬ ତାରିଖରେ ଏସୋଚମ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏକଥା ଜଣାପଡିଛି । ଏସୋଚେମର ରିପୋର୍ଟରେ କୁହାଯାଇଛି ଯେ ଭାରତ ଏବେ ଔଷଧ ପ୍ରସ୍ତୁତ କ୍ଷେତ୍ରରେ ବିଶ୍ୱର ୩ୟ ସ୍ଥାନରେ ରହିଛି ଓ ବିଶ୍ୱର ଅନେକ ଦେଶ ଭାରତରୁ ଔଷଧ କିଣୁଛନ୍ତି । ଏସୋଚେମ୍‌ର ରିପୋର୍ଟରେ ଭାରତରେ ଜେନେରିକ ଔଷଧର ବଜାର ୧୩୦ ବିଲିୟନ ଡ଼ଲାରରେ ପହ ୍ବାର ସମ୍ଭାବନା ରହିଛି ବୋଲି ଉଲ୍ଲେଖ କରାଯାଇଛି ।ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଭାରତରେ ପ୍ରସ୍ତୁତ ଔଷଧର ଗୁଣବ ାକୁ ନେଇ ପ୍ରଶ୍ନ ଉଠାଯାଇଛି । କେନ୍ଦ୍ର ସରକାର ମଧ୍ୟ ଏ ଦିଗରେ ପଦକ୍ଷେପ ନେଇଛନ୍ତି କିନ୍ତୁ ନକଲି ଔଷଧର ବିକ୍ରୀ ବଢ଼ିବାରେ ଲାଗିଛି । କେନ୍ଦ୍ର ସରକାର ଏ ଦିଗରେ କଠୋର ପଦକ୍ଷେପ ନେବା ଉଚିତ୍ । ସାଧାରଣ ଲୋକେ ସୁସ୍ଥ ହେବା ପାଇଁ କଷ୍ଟ ଅର୍ଜିତ ଧନରେ ଔଷଧ କିଣୁଛନ୍ତି କିନ୍ତୁ ନେଉଛନ୍ତି ନକଲି ଔଷଧ । ନିଃସନ୍ଦେହ ଯେ ଏହା ଲୋକଙ୍କ ପ୍ରତି ବିଶ୍ୱାସଘାତକତା । ଏଣୁ ନୀତି ନିର୍ଦ୍ଧାରକ ମାନେ ଏ ଘଟଣାକୁ ଅଧିକ ଗୁରୁତ୍ୱ ଦେବା ସହ ଲୋକଙ୍କ ଜୀବନକୁ ନେଇ ଖେଳୁଥିବା ସଂସ୍ଥା /କମ୍ପାନୀ ମାନଙ୍କ ବିରୁଦ୍ଧରେ କଠୋରରୁ କଠୋରତମ ପଦକ୍ଷେପ ନେବା ଅପରିହାର୍ଯ୍ୟ । ଆସୋଚେମର ରିପୋର୍ଟ ନିଶ୍ଚୟ ସମ୍ବେଦନଶୀଳ । ସର୍ବୋପରି ନକଲି ଔଷଧକୁ କେମିତି ସାଧାରଣ ଲୋକେ ଜାଣିପାରିବେ ସେ ନେଇ ବ୍ୟବସ୍ଥା ମଧ୍ୟ କରାଯିବା ଆବଶ୍ୟକ । ସରକାର ଗତ ଅଗଷ୍ଟ ମାସରେ ୧୫୬ ପ୍ରକାରର ଔଷଧ ଉପରେ ପ୍ରତିବନ୍ଧ ଲଗାଇଛନ୍ତି ଏବଂ ଏହାର ଉତ୍ପାଦନ ଓ ବିତରଣକୁ ନିଷିଧ କରିଛନ୍ତି । ଏସବୁ ପରେ ଗୋଟିଏ କଥା ସ୍ପଷ୍ଟ ଯେ ମାନବୀୟ ମୂଲ୍ୟ ଏତେ ପରିମାଣରେ ହ୍ରାସ ପାଇଛି ଯେ କମ୍ପାନୀ ମାନେ ଲାଭ ପାଇଁ ଗରୀବ/ ସାଧାରଣ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି । ଅନ୍ୟ ଅର୍ଥରେ ରୋଗୀଙ୍କୁ ଅଧିକ ଯନ୍ତ୍ରଣା ବା ିବାରେ ଲାଗିଛନ୍ତି ଔଷଧ କମ୍ପାନୀ ମାନେ ।

*ରାମଚନ୍ଦ୍ର ପୁର, ରଣପୁର*
*ମୋ – ୯୪୩୮୪୮୫୦୯୪*




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି । ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ । ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା । ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି । ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ । ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି । ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ । ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି । ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି । ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି । ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଟ୍ରଷ୍ଟବୋର୍ଡରେ ଗରଦପୁର ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧାରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ୍ୟ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ୍ୟ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଳିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୁର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଡ କମାଣ୍ଡର ଗୌରବ ଜଗନାନୀ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

# ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଯୋଡା ପୌରାଞ୍ଚଳରେ ସେପ୍ଟେଜ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ




ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳର ୬ନଂ ୱାର୍ଡ ବାଚୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଡା ସହରର ସମସ୍ତ ଘରର ସେପ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ,ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ହେବା ଦ୍ୱାରା ପୌରାଞ୍ଚଳର ସମସ୍ତ ୱାର୍ଡରେ ସେପ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ ପ୍ରକାଶ କରିଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ,କର୍ମଚାରୀ,ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟ୍ଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ' ଫୁଟ୍‌ରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ପର ମାଲିକଙ୍କ ଧାରଣା ପଞ୍ଚମ ଦିନରେ : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ



ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ପର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ପର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ପର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି । ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ପର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ପର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ୍ୟ କଷ୍ଟସାଧ୍ୟ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ପରରେ କାର୍ଯ୍ୟ କରୁଥିବା ଡ୍ରାଇଭର,ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ୍ୟ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ୍ୟ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।




# ଓଡ଼ିଶାର ମ   ନାଟକ, ସଙ୍ଗୀତ, ନୃତ୍ୟର ବିକାଶରେ କବିଚନ୍ଦ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର (ପିଏନ୍): କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଉଦ୍ୟମରୁ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବା ସହ ଓଡ଼ିଶାର ରାସ, ମ  ନାଟକ, ନୃତ୍ୟ ଓ ସଙ୍ଗୀତର ସାମଗ୍ରିକ ବିକାଶ ହେବା ସହ ରାଜ୍ୟର କଳା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କବିଚନ୍ଦ୍ରଙ୍କ ପ୍ରତିମୂ ର୍ତ୍ତିସ୍ଥଳୀରେ ଆୟୋଜିତ ୪୪ତମ ଶ୍ରାଦ୍ଧୋତ୍ସବରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂ ର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ-ଡମପଡ଼ା ବ୍ଲକ୍ ଅଧ୍ୟକ୍ଷ ପ୍ରଣବ କୁମାର ପଟେଲ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଗାନ୍ଧିବାଦୀ ଅଧାପକ ଉପେନ୍ଦ୍ର ପାଢ଼ୀ, ଯୁବନେତା ରବି ସାମଲ, ବିକାଶ ଗିରି, ସତ୍ୟବ୍ରତ ଜେନା, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ ବାଙ୍କୀ ମାଟିର ଯୋଗ୍ୟ ଦାୟାଦ କଳାକୁ ଜୀବନସାଥୀ ଭାବରେ ଗ୍ରହଣ କରି ଅବିବାହିତ ରହି ରାଜ୍ୟର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ମ  ନାଟକର ବିକାଶ ପାଇଁ ନିଜେ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇ ତାହାକୁ ଓଡ଼ିଶା ଥିଏଟର ମାଧ୍ୟମରେ ପରିବେଷଣ କରିଥିଲେ। ଏହାପରେ ଗଜପତିଙ୍କ ନିମନ୍ତ୍ରଣ ପାଇ ପୁରୀରେ ରାସ ଓ ନାଟକର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ଗଜପତି ତାଙ୍କୁ କବିଚନ୍ଦ୍ର ଉପାଧିରେ ସମ୍ମାନିତ କରିଥିଲେ। ଏହାପରେ ଗଜପତିଙ୍କ ଦରବାର ଛାଡ଼ି ପୁରୀ ଓ ସାକ୍ଷୀଗୋପାଳରେ ନୃତ୍ୟଦଳ ଗଠନ କରି ସମଗ୍ର ରାଜ୍ୟରେ ନୃତ୍ୟ ପରିବେଷଣ କରୁଥିଲେ। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଗଣିତ ନାଟକ, କାବ୍ୟ, କବିତା ରଚନା କରି ରାଜ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। 'ଭାତ' ନାଟକ ସହ 'ଶ୍ରୀଜୟଦେବ ଓ ଗୀତଗୋବିନ୍ଦ' ତାଙ୍କର ଅମୂଲ୍ୟ କୀ ର୍ତ୍ତି। ତାଙ୍କ ଆଦର୍ଶରେ ଯୁବକଳାକାର ଅନୁପ୍ରାଣିତ ହେଲେ ରାଜ୍ୟର କଳା ସମୃଦ୍ଧ ହୋଇପାରିବ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଓ ଉପେନ୍ଦ୍ର ପାଢ଼ିଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇ ସମ୍ମାନିତ କରାଯିବା ସହ ବାଙ୍କୀବାସୀଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉ  ରୀୟ ପ୍ରଦାନ କରାଯାଇଥିଲା। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଲିଖିତ ପୁସ୍ତକ 'ସହଜ ପ୍ରାଣାୟମ ଓ ଯୋଗାସନ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ମହାକାଳପଡ଼ା ବୃହତ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ଚାଲିଥିବା ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପର ଦୁଇଟି ପଏ  କରାଯାଇଛି। ଗୋଟିଏ ହେଉଛି ଦକ୍ଷିଣ ଜୋନ  ଓ ଅନ୍ୟଟି ହେଉଛି ଉ  ର ଜୋନ। ଦକ୍ଷିଣ ଜୋନଟି ମହାକାଳପଡ଼ା ବ୍ଲକରେ ରହିଥିବାବେଳେ ଉ  ର ଜୋନଟି ମାର୍ଶାଘାଇ ବ୍ଲକରେ ରହିଛି। ଦକ୍ଷିଣ ପଏ  ର କାର୍ଯ୍ୟ ପ୍ରାୟତଃ ଶେଷ ହେବା ଉପରେ। ଆସନ୍ତା ଅଗଷ୍ଟ ମାସ ୧୫ତାରିଖ ସୁଦ୍ଧା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ମାଣ କାର୍ଯ୍ୟ କରୁଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାପାଳ ନିର୍ମାଣକାରୀ ସଂସ୍ଥାକୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ କହିଥିଲେ ଏହି ପ୍ରକଳ୍ପ ଦ୍ୱାରା ୫୫ ହଜାର ଲୋକଙ୍କ ଘରେ ପାଇପ ଯୋଗେ ପାନୀୟ ଜଳ ପହ ଞ୍ଚିବ। ଯାହା ଫଳରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଦକ୍ଷିଣ ଜୋନର କାର୍ଯ୍ୟ ତୁରନ୍ତ ସାରି ଲୋକଙ୍କୁ ପାନୀୟ ଜଳ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ କହିଥିବା ବେଳେ ଉ  ର ଜୋନକୁ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ସେ କହିଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି ଏହି ପ୍ରକଳ୍ପ ହେବା ଦ୍ୱାରା ମହାକାଳପଡ଼ା ବ୍ଲକର ୨୬ଟି ପ  ାୟତ ଓ ମାର୍ଶାଘାଇ ବ୍ଲକର ୧୧ଟି ପ  ାୟତର ଲୋକେ ପାନୀୟ ଜଳ ପାଇପ ଯୋଗେ ପାଇପାରିବେ। ଫଳରେ ଗ୍ରୀଷ୍ମଋତୁରେ ଜଳକଷ୍ଟର ସମ୍ମୁଖୀନ ହେଉଥିବା ଏହି ପ  ାୟତଗୁଡିକର ଲୋକମାନଙ୍କ ପାନୀୟଜଳ ସମସ୍ୟା ରହିବ ନାହିଁ। ଦକ୍ଷିଣ ଜୋନ କାର୍ଯ୍ୟକ୍ଷମ ହେଲେ ମାର୍ଶାଘାଇ ବ୍ଲକର ୩ଟି ପ  ାୟତ ଓ ମହାକାଳପଡ଼ା ବ୍ଲକର ୯ଟି ପ  ାୟତର ଲୋକମାନେ ଉପକୃତ ହୋଇପାରିବେ।

# ସ୍କାଉଟସ୍ ଗାଇଡସ୍‌ର ୧୪୨ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ୧୪୨ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତା୩୦.୦୭.୨୦୨୨ରିଖ ଅପରାହ୍ନ ୩ଘଟିକା ସମୟରେ ଅନଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଥିଲା । ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ସ୍ୱାଗତ ଅଭିଭାଷଣ ପରେ ଓଡିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଗାଇଡ଼୍‌ର ସଭ୍ୟସଭ୍ୟାମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଗତ ବର୍ଷରେ ରାଜ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯିବା ସଂଗେ ସଂଗେ ଆଗାମୀ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକର ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏତଦ୍‌ବ୍ୟତୀତ ବିଗତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇ ଆଗାମୀ ବର୍ଷର ଆର୍ଥିକ ଖର୍ଚ୍ଚ ଅଟକଳ କମିଟି ଦ୍ୱାରା ଅନୁମୋଦନ ଲାଭ କରିଥିଲା। ଜାତୀୟ ତଥା ଅନ୍ତର୍ଜାତୀୟ ସଂଗଠନ ଦ୍ୱାରା ଯୁବପୀଢ଼ିମାନଙ୍କ ପାଇଁ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା: Sustanable Development Goal, ସ୍ୱଚ୍ଛ ଭାରତ ଅଭିଯାନ, ସର୍ଫ ସ୍ମାର୍ଟ, ଫ୍ରି ବିଙ୍ଗ୍ ମିଂ, ଷ୍ଟପ୍ ଦି ଭାଇଓଲେନ୍‌ସ୍, ମେସେଞ୍ଜର ଅଫ୍ ପିସ୍ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସଭ୍ୟମାନଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀମାନେ ଯୋଗଦେଇଥିଲେ । ପରିଶେଷରେ ରାଜ୍ୟ କମିଶନର (ହେଡକ୍ୱାର୍ଟର) ଶ୍ରୀ ରାଧାକାନ୍ତ ଦାସ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭା ଭଙ୍ଗ କରାଯାଇଥିଲା।

# କେନ୍ଦୁଝରଗଡ ରେଳଷ୍ଟେସନରୁ ଯୁବତୀ ଉଦ୍ଧାର

କେନ୍ଦୁଝର (ପିଏନ୍): ଗତ ୨୫ ତାରିଖ ରାତିରେ ଭୁବନେଶ୍ୱରରୁ କେନ୍ଦୁଝରଗଡ ଟ୍ରେନ ରେ ଆସିଥିବା ଜଣେ ଯୁବତୀଙ୍କୁ କେନ୍ଦୁଝରଗଡ ରେଳଷ୍ଟେସନରୁ ଉଦ୍ଧାର କରାଯାଇଛି। ରାତ୍ରୀ ୯ଟା ୨୫ରେ ୧୮୪୫୬ ନଂ ଫାଷ୍ଟ ପାସେଂଜର ଟ୍ରେନ କେନ୍ଦୁଝରଗଡ ରେଳଷ୍ଟେସନରେ ପହଁଚିବା ପରେ ରେଳୱେ ପୋଲିସକୁ କିଛି ଯାତ୍ରୀ ଖବର କରିଥିଲେ। ରେଳୱେ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି କେନ୍ଦୁଝର ଟାଉନ ପୋଲିସ ସହାୟତାରେ ବଣିଆପାଟ ସ୍ଥିତ ସ୍ୱଧାର ଗୃହରେ ରଖିଛି। ଯୁବତୀ ମାନସିକ ରୋଗରେ ଆକ୍ରାନ୍ତ ଥିବା ଆଶଙ୍କା କରାଯାଉଛି। ଏଣୁ ସେ ତାର ସଠିକ୍ ଠିକଣା କହିପାରୁନାହିଁ। ସେ ହିନ୍ଦିରେ କଥାବା ର୍ତ୍ତା କରୁଛି। ଯୁବତୀଙ୍କ ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ଉକ୍ତ ଯୁବତୀ କେଉଁ ସ୍ଥାନରୁ ଆସିଛି ତାହାର ତଦନ୍ତ ପୋଲିସ କରୁଛି।

# ମନରେଗା ଅର୍ଥ ଆତ୍ମସାତ୍ ଘଟଣାରେ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପ  ାୟତ ଇମାମ୍‌ନଗର ଗାଁରେ ମନରେଗା ଅର୍ଥ ଆତ୍ମସାତ ଘଟଣାର ୨ଦିନିଆ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଲୋକାୟୁକ୍ତ। ଆସନ୍ତା ଅଗଷ୍ଟ ୧୬ ଓ ୧୭ତାରିଖରେ ଲୋକାୟୁକ୍ତଙ୍କ ତଦନ୍ତକାରୀ ଟିମ୍ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଓ ଘଟଣାସ୍ଥଳରେ ପହ ଞ୍ଚି ତଦନ୍ତ କରିବ। ଏଥିରେ ଧର୍ମଶାଳା ବିଡ଼ିଓ ଉପସ୍ଥିତ ରହି ସହଯୋଗ କରିବାକୁ ଲୋକାୟୁକ୍ତ ଗତ ୨୮ତାରିଖ ପତ୍ରସଂଖ୍ୟା-ଏଲ୍‌ୱାଇ-୫୮୯୨ରେ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ସମୟରେ ବ୍ଲକ୍‌ର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଇଓ ଓ ଜିଆର୍‌ଏସ୍ ସହଯୋଗ କରିବେ। ସେହିପରି ଅଭିଯୋଗ ସ୍ଥାନ ସରକାରୀ ଜମି କିମ୍ବା ବ୍ୟକ୍ତିଗତ ଜମି ଏହାକୁ ମାପଚୁପ କରିବା ପାଇଁ ଏଠାକାର ରାଜସ୍ୱ ନିରୀକ୍ଷକ ଓ ଅମିନ ଉପସ୍ଥିତ ରହିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। ଅଭିଯୋଗକାରୀ ସାରୋଇ ଗ୍ରାମର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଅଦାଲତରେ ପହ ଞ୍ଚି ନିଜ ପକ୍ଷ ରଖିବା ସହିତ ଅଭିଯୋଗ ସଂପର୍କୀତ କାଗଜପତ୍ର ଦାଖଲ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବନ୍ୟାପ୍ଲାବିତ ଇମାମ୍ ନଗର ଗାଁ ରାସ୍ତାର ଉଚ୍ଚତା ବଢ଼ାଇବା ପାଇଁ ମନରେଗା ଯୋଜନାରେ ୫୫୫ ମିଟର ରାସ୍ତା ମରାମତି ପାଇଁ ୨୦୨୦/୨୧ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ମାତ୍ର ଏହି ଗ୍ରାମର ଅକ୍ଷୟ କୁମାର ପାଳଙ୍କ ଘର ନିକଟରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ ୨୮୦ ମିଟର ମାଟିରାସ୍ତା ମରାମତିରେ ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଦାୟିତ୍ୱରେ ଥିବା ଠିକାଦାର ମାତ୍ର ୬୦ମିଟର ରାସ୍ତାକାମ କରି ୨୮୦ ମିଟର କାମ କରିଛନ୍ତି ବୋଲି କାଗଜପତ୍ର ପ୍ରସ୍ତୁତ କରି ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଉଠାଇ ନେଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଥିଲା। ତାହା ପୁଣି ବ୍ୟକ୍ତିଗତ ଜମିରେ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁନ୍ ୨୨ତାରିଖରେ ଲୋକାୟୁକ୍ତଙ୍କ ଅଦାଲତରେ ୧୩୪/୨୦୨୨(ବି-୧)ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ଧର୍ମଶାଳା ବିଡ଼ିଓ ଅରବିନ୍ଦ ବେହେରା ଓ ତତ୍କାଳୀନ ପିଇଓ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଦାୟିତ୍ୱରେ ଥିବା ଠିକାଦାର ମନରେଗା ନିୟମାନୁସାରେ କାମ ନକରି ବେଆଇନ ଭାବେ ଶ୍ରମିକଙ୍କ ବଦଳରେ ଟ୍ରକ୍ ଓ ମେସିନ୍ ବ୍ୟବହାର କରିଥିଲେ। ସରକାରୀ ଜମି ବଦଳରେ ବ୍ୟକ୍ତିଗତ ଜମିରେ ମନରେଗା ଅର୍ଥ ବିନିଯୋଗ ହୋଇଥିଲା। ଏଭଳି ଏକ ସଙ୍ଗୀନ୍ ଅଭିଯୋଗର ଶୁଣାଣି କରି ଲୋକାୟୁକ୍ତ ତାଙ୍କ ନିଜସ୍ୱ ତଦନ୍ତକାରୀ ଟିମ୍‌କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଅନ୍ୟ ପାଇଁ ଉଦାହରଣ କେନ୍ଦ୍ରାପଡ଼ାର ଉଚ୍ଚଶିକ୍ଷିତା ଝିଅ ଗୀତାଞ୍ଜଳି

## *ଜଳଖିଆ ଦୋକାନ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି*



କେନ୍ଦ୍ରାପଡ଼ା (ପିଏନ୍): ଚାକିରୀ ପଛରେ ଗୋଡାଇ ବେକାରୀ ହେବା ଅପେକ୍ଷା ନିଜେ କିଛି ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହେବା ଶ୍ରେୟସ୍କର। କାରଣ କୌଣସି ବ୍ୟବସାୟ କରିବା ଦ୍ୱାରା ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନେ ମଧ୍ୟ ଆତ୍ମନିର୍ଭରଶୀଳ ହୋଇପାରିବେ। ଏହିଭଳି ଜଣେ ଶିକ୍ଷିତା ଯୁବତୀ ହେଉଛନ୍ତି ଗୀତାଞ୍ଜଳି ସାହୁ। ଗୀତାଞ୍ଜଳି କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରେ ଏକ ଜଳଖିଆ ଦୋକାନ କରିଛନ୍ତି। ଗୀତାଞ୍ଜଳି ଶିକ୍ଷା (ଏଜୁକେସନ) ଅନର୍ସ ରଖି ୨୦୧୮ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଏ ପାସ କରିଛନ୍ତି। ଏହାପରେ ସେ ଚାକିରୀ ପଛରେ ନ ଗୋଡାଇ ନିଜେ ବ୍ୟବସାୟ କରୁଛନ୍ତି। ଏଥିସହିତ ସେ ଜଣେ ସମାଜସେବୀ ଭାବେ ମଧ୍ୟ ବେଶ ପରିଚିତ। ଗୀତାଞ୍ଜଳିଙ୍କ ୪ ଭଉଣୀ। ଏହି ଦୋକାନରେ ସେ ଦିନକୁ ୧୦ ଘଣ୍ଟା କାମ କରନ୍ତି। ୪ ଭଉଣୀ ମଧ୍ୟରୁ ଗୀତାଞ୍ଜଳି ଦ୍ୱିତୀୟ। କେନ୍ଦ୍ରାପଡା ସହରର ବଡ଼ବାରଙ୍ଗ ଗ୍ରାମର କେଶବ ସାହୁ କୁହନ୍ତି ଗୀତାଞ୍ଜଳି ମୋ ଝିଅ ଓ ପୁଅ ଉଭୟ। କାରଣ ସେ ପୁଅ ଭଳି ଦୋକାନ ସମ୍ଭାଳୁଛି ଓ ଝିଅ ହୋଇ ଘରକାମ ମଧ୍ୟ କରୁଛି। ସେ ଦୋକାନ ନ ସମ୍ଭାଳିଲେ ଦୋକାନ ଚାଲିପାରେ ନାହିଁ। ତାର ଯଦି କୌଣସି ଦିନ ଦେହ ଅସୁସ୍ଥ ହୁଏ ତାହାହେଲେ ଦୋକାନ କାର୍ଯ୍ୟ ଠିକ୍‌ଭାବେ ହୋଇପାରେ ନାହିଁ। କାରଣ ଦୋକାନର ସବୁ କାର୍ଯ୍ୟ ମୁଁ କରିପାରେ ନାହିଁ। ତେଣୁ ମୁଁ କେବେ ଅନୁଭବ କରିନାହିଁ ଯେ ମୋର ପୁଅ ନାହିଁ ବୋଲି। ଗୀତାଞ୍ଜଳି ମୋ ପୁଅ ହୋଇ ଘର ଓ ବାହାର ଉଭୟ କାର୍ଯ୍ୟ କରିପାରେ। ଦୋକାନ ପାଇଁ ଜିନିଷପତ୍ର ମଧ୍ୟ ସେ ବଜାରରୁ କିଣି ନେଇଆସେ ବୋଲି ସେ କହିଛନ୍ତି। ଚାକିରୀ ସମ୍ପର୍କରେ ପଚାରିବାରେ ଗୀତାଞ୍ଜଳି କୁହନ୍ତି, ଆମେ ସମସ୍ତେ ଯଦି ଚାକିରୀ ପଛରେ ଦୌଡିବା ତାହାହେଲେ ଆମ ଅର୍ଥନୀତି ସୁଦୃଢ ହୋଇପାରିବ ନାହିଁ। ତେଣୁ ଆମକୁ ବ୍ୟବସାୟ ମଧ୍ୟ କରିବାକୁ ପଡିବ। କାରଣ ମୁଁ ଦୋକାନ ପାଇଁ ଯେଉଁସବୁ ଜିନିଷ ବଜାରରୁ କିଣୁଛି ସେ ଜିନିଷ ପ୍ରସ୍ତୁତ କରିବା ପାଇଁ ଅନେକ ପରିବାର ପରୋକ୍ଷରେ ନିୟୋଜିତ ହୋଇଛନ୍ତି। ତେଣୁ ପରୋକ୍ଷରେ ମୋ ଦୋକାନ ପାଇଁ ଅନେକ ପରିବାର ପ୍ରତିପୋଷଣ ହୋଇପାରୁଛନ୍ତି। ସେ କହିଛନ୍ତି ପାଠ ପଢିଥିଲେ ସବୁ କ୍ଷେତ୍ରରେ ତାହାକୁ କାର୍ଯ୍ୟକାରୀ କରିହେବ। କେବଳ ପାଠ ପଢି ଯେ ଚାକିରୀ କରିବା ସେ ମାନସିକତାରୁ ଶିକ୍ଷିତ ଯୁବକଯୁବତୀମାନେ ଦୂରେଇ ରହିବା ଆବଶ୍ୟକ। କାରଣ ପାଠର ମହତ୍ୱ ସବୁ ସ୍ଥାନରେ ରହିଛି ବୋଲି କହିଛନ୍ତି ଗୀତାଞ୍ଜଳି।

# ହାଟଡିହି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଚିତ୍ରାନନ୍ଦ କରଙ୍କ ତ ତ୍ତ୍ୱାବଧାନରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଯୋଗଦେଇ ବିଭିନ୍ନ ଅଂଚଳରୁ ଆସିଥିବା ସାଧାରଣ ଲୋକଙ୍କଠାରୁ ୧୩୦ଟି ଅଭିଯୋଗ ଗ୍ରହଣ କରିବା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହାଟଡିହି ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ପ୍ରସଙ୍ଗରେ ଦୀର୍ଘ ସମୟ ଧରି ସ୍ଥାନୀୟ ଅଧିବାସୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘଦିନ ଧରି ଡାକ୍ତର ପଦବୀ ଖାଲି ପଡିଥିବାରୁ ସମଗ୍ର ହାଟଡିହି ବ୍ଲକ ଅଂଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ ହୋଇ ପଡିଛି। ସେହିପରି ହାଟଡିହି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବର ସମସ୍ୟା ଲାଗି ରହିଥିବାରୁ ଶିକ୍ଷାଦାନରେ ଅଚଳ ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଠାକରେ କେତେକ ଦିବ୍ୟାଙ୍ଗ ମାନଙ୍କୁ ତିନିଚକିଆ ଟ୍ରାୟ ସାଇକେଲ ବିତରଣ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଂ, ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ତହସିଲଦାର ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଯୁବମାରଣ ନୀତି ବିରୋଧରେ ଯୁବ କଂଗ୍ରେସର ଯୁବ ସମ୍ପର୍କ ପଦଯାତ୍ରା




ଭୁବନେଶ୍ୱର (ପିଏନ୍): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ସଭାପତି ଡ଼ଃ ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ୨୯ ତାରିଖ ଶୁକ୍ରବାର ମାଲକାନଗିରିଠାରୁ ଆରମ୍ଭ ହୋଇଛି ରାଜ୍ୟବ୍ୟାପୀ ଯୁବ ସମ୍ପର୍କ ପଦଯାତ୍ରା। ଶନିବାର ଏହି ପଦଯାତ୍ରା କୋରାପୁଟର ଜୟପୁରଠାରେ ପହଂଚିଛି। ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଦେଶର ତଥା ରାଜ୍ୟର ଯୁବପିଢ଼ୀମାନଙ୍କୁ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାରର ଯୁବମାରଣ ନୀତି ବିରୋଧରେ ସଚେତନ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି ପଦଯାତ୍ରା। ରାଜ୍ୟର ସମସ୍ତ ଜିଲ୍ଲାକୁ ଯାତ୍ରା କରି ଯୁବ ପିଢ଼ୀମାନଙ୍କୁ ସଚେତନ କରିବା ସହ କଂଗ୍ରେସ ଦଳର ବିଚାରଧାରାକୁ ଯୁବପିଢ଼ୀଙ୍କ ନିକଟରେ ପହଂଚାଇବା ପାଇଁ 'ୟୁଥ୍ ଯୋଡୋ, ବୁଥ୍ ଯୋଡୋ' କାର୍ଯ୍ୟକ୍ରମକୁ ମଧ୍ୟ ହାତକୁ ନିଆଯାଇଛି। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା କିଭଳି ଯୁବପିଢ଼ୀଙ୍କ ଭବିଷ୍ୟତ ନଷ୍ଟ କରିବା ସହ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ, ସେ ସମ୍ପର୍କରେ ଜନଜାଗରଣ ମଧ୍ୟ ରାଜ୍ୟବ୍ୟାପୀ କରାଯିବ ବୋଲି ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡଃ ସ୍ମୃତିରଂଜନ ଲେଙ୍କା ପ୍ରକାଶ କରିଛନ୍ତି। ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାର ଯୁବପିଢ଼ିମାନଙ୍କୁ ପ୍ରତାରିତ କରିଛି। ରାଜ୍ୟରେ ୨୨ ବର୍ଷର ବିଜୁ ଜନତା ଦଳର ସରକାର ସମୟରେ ଶିକ୍ଷିତ ଯୁବକଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ନଦେଇ ଚୁକ୍ତିଭିତିକ ନିଯୁକ୍ତି ଦେଇ ଠିକା ଶ୍ରମିକ ଭାବେ ନିୟୋଜିତ କରୁଛି। ଏ ସବୁକୁ ଦୃଢ଼ ଭାବେ ନିନ୍ଦା କରିବା ସହ ତୁରନ୍ତ ଚୁକ୍ତିଭିତିକ ନିଯୁକ୍ତି ପ୍ରତ୍ୟାହାର କରିବାକୁ ଦୃଢ଼ ଦାବି ଜଣାଇଛି ଯୁବ କଂଗ୍ରେସ। ଏହାବ୍ୟତୀତ ରାଜ୍ୟରେ ସରକାରୀ ନିଯୁକ୍ତି ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରି ସମ୍ପୂର୍ଣ୍ଣଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ଯୁବ କଂଗ୍ରେସ ଦାବି କରିଛି। ରାଜ୍ୟ କଂଗ୍ରେସ ପୁଣି ଥରେ ନିଜର ସତାକୁ ଫେରିବା ଲକ୍ଷ୍ୟ ରଖି ଆରମ୍ଭ କରିଥିବା ମିଶନ ୯ରୁ ୯୦କୁ ସଫଳ କରିବା ପାଇଁ ଯୁବ କଂଗ୍ରେସ ଏହି ମିଶନ୍‌ର ସାରଥି ହେବ ବୋଲି ଡଃ ଲେଙ୍କା ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେଡିର ଏକଚ୍ଛତ୍ରବାଦ ଶାସନର ଅନ୍ତ କରିବା ପାଇଁ ଯୁବପିଢ଼ୀମାନଙ୍କୁ ଏବେଠାରୁ ସଜାଗ କରୁଛି ଯୁବ କଂଗ୍ରେସ। ଯୁବ କଂଗ୍ରେସ ପକ୍ଷରୁ ଏକ ବିରାଟ ପରିବର୍ତ୍ତନ ଲକ୍ଷ୍ୟରେ ହୋଇଥିବା ଏହି ପଦଯାତ୍ରାରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝା, ସହ ପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତଙ୍କ ସହ କୋରାପୁଟ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଜ୍ଞାନରଂଜନ ରାଉତ, ସମ୍ପାଦକ ବିଶ୍ୱଜିତ ଲେଙ୍କା, ରମେଶ ଖରା ଓ ରାଉରକେଲା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମୁମୂର୍ଷୁ ଅବସ୍ଥାରେ ବୁଦାମୂଳରୁ ନବଜାତ ଶିଶୁ କନ୍ୟା ଉଦ୍ଧାର, ଅନୈତିକ ସମ୍ପର୍କର ଫଳ ଆଶଙ୍କା

ଭବାନୀପାଟଣା,(ପି.ଏନ): ଅଲୋଡା ହୋଇଛି ଶିଶୁକନ୍ୟା, ଜନ୍ମର କିଛି ସମୟ ପରେ ମାନବିକତା ଭୁଲି ବୁଦାମୂଳରେ ମରଣ ମୁହଁକୁ ଠେଲିଦେଇ ଚାଲିଗଲା ମାଁ । ତେବେ କିଛି ସମୟ ପରେ କିଛି ଯୁବକ ଶିଶୁର କାନ୍ଦ ଶୁଣି ଅନ୍ଧାର ରାତିରେ ବୁଦାମୂଳରେ ଶିଶୁକୁ ଠାବ କରିବା ସହ ଉଦ୍ଧାର କରିଥିଲେ। ଏଭଳି ଏକ ସ୍ୱର୍ଶକାତର ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କଲମପୁର ଥାନା ରଣମାଲ ପଞ୍ଚାୟତ ଅନ୍ତର୍ଗତ ଭୁର୍ସିଗୁଡା ଗ୍ରାମରେ। ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ଗାଁର କିଛି ଯୁବକ ରାସ୍ତାରେ ବୁଲିବା ପାଇଁ ଆସିଥିଲେ।ଏ ସମୟରେ ପାଖରେ ଥିବା ଏକ ବୁଦାମୂଳରୁ ଏକ ଛୁଆର ବିକଳ କାନ୍ଦଣା ଶୁଣିବାକୁ ମିଳିଥିଲା। କଣ ହୋଇଛି ବୋଲି ଯୁବକ ମାନେ ମୋବାଇଲ ଟର୍ଚ୍ଚ ମାରି ଯାହା ଦେଖିଲେ ସେଇ ଦୃଶ୍ୟ ହୃଦୟକୁ ଥରାଇ ଦେଇଥିଲା। କେହିଁ ଜଣେ ନବଜନ୍ମିତ ଶିଶୁକନ୍ୟାକୁ ବୁଦାମୂଳରେ ମରଣ ମୁହଁରେ ଛାଡି ଦେଇଥିଲା । ଯୁବକ ମାନେ ତୁରନ୍ତ ଗାଁର ଆଶା, ଅଙ୍ଗନବାଡ଼ି,ସ୍ଥାନୀୟ ପୋଲିସ, ସାମ୍ବାଦିକ ,ସ୍ୱେଛାସେବୀଙ୍କୁ ଖବର ଦେଇଥିଲେ।ପରେ ଶିଶୁକନ୍ୟାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ରଣମାଲ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଶିଶୁ କନ୍ୟାର ଓଜନ ୧୨ ଶହ ଗ୍ରାମ ଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି ବୋଲି ଜଣାପଡ଼ିଛି। ଏନ୍ଆଇସିୟୁ ୱାର୍ଡ଼ରେ ଶିଶୁର ଚିକିତ୍ସା ଜାରି ରହିଛି । ଜିଲ୍ଲା ସିଡବ୍ଲୁସି ଓ ଚାଇଲଡ଼ ପ୍ରୋଟେକ୍ସନ ୟୁନିଟକୁ ଅବଗତ କରାଯାଇଛି। ଆଶା କର୍ମି ବିଦୁଲତା ଲେଞ୍ଜିଆ, ଅଙ୍ଗନବାଡି କର୍ମି ଦୁର୍ମିଳା ନାଏକ, ସ୍ଥାନୀୟ ଜଣେ ମହିଳା ଜୟନ୍ତୀ ଦୁର୍ଗା ସ୍ୱେଚ୍ଛାସେବୀ ବେଣୁପାଣି ଦୁର୍ଗା, ଗୋବର୍ଦ୍ଧନ ଦୁର୍ଗା,ଟଙ୍କଧର ଲହଜଳ, ରମେଶ ବେହେରା, ଗୋଲେଖ ତାଣ୍ଡି ପ୍ରମୁଖ ଶିଶୁ କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ସିଡବ୍ଲୁସିକୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହା ଅବୈଧ ସଂପର୍କ ନା ଅଲୋଡା ଶିଶୁକନ୍ୟା ପାଇଁ ଏମିତି ଅମାନବୀୟ ଘଟଣା ଘଟିଛି ତାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି। ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

# ମା ସୁରଦେଇ ଫ୍ରେଣ୍ଡସ କ୍ଲବ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ଫୁଲବାଣୀ,(ପି.ଏନ): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ର ମା ସୁରାଦେଇ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ସଭାପତି ବିମଳ ମଲ୍ଲିକ ଙ୍କ ନେତୃତ୍ୱରେ ଏବଂ ଡଃ ସୂର୍ଯ୍ୟ ନାରାୟଣ ବେହେରାଙ୍କ ପରିଚାଳନାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସ୍ୱଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଶ୍ରୀଯୁକ୍ତ ଉମା ଚରଣ ମଲ୍ଲିକ ଯୋଗ ଦେଇଥିଲେ।ଆଜିର ଏହି ପବିତ୍ର ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଭାରତର ତୃତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଓ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ଆଦର୍ଶ ଓ ଗୁଣାବଳୀକୁ ମନ ପକାଇବା ପାଇଁ ଏହି ଦୁଇ ନେତାଙ୍କ ଜନ୍ମ ବାର୍ଷିକୀ ପାଳନ ପାଇଁ ଗାନ୍ଧୀ ଜୟନ୍ତୀ ଏବଂ ଲାଲ ବାହାଦୂର ଶାସ୍ତ୍ରୀ ଜୟନ୍ତୀ ପ୍ରତିବର୍ଷ ଅକ୍ଟୋବର ୨ ରେ ପାଳନ କରାଯାଏ। ମହାତ୍ମା ଗାନ୍ଧୀ ଜାତିର ପିତା ଭାବରେ ଜଣାଶୁଣା ଗାନ୍ଧୀ ବ୍ରିଟିଶ ଶାସନରୁ ସ୍ୱାଧୀନତା ସଂଗ୍ରାମରେ ଭାରତର ଅଗ୍ରଣୀ ଥିଲେ। ତାଙ୍କର ଅହିଂସା ପ୍ରତିରୋଧ, ସ୍ୱଚ୍ଛତା ରକ୍ଷା କରିବା, କିମ୍ବା ସତ୍ୟାଗ୍ରହ , ବିଭିନ୍ନ ପୃଷ୍ଠଭୂମିରୁ ଲୋକଙ୍କୁ ଏକତ୍ର କରିଥିଲେ କ୍ଷ ସେହିପରି ପୁଣ୍ୟତ୍ମାଙ୍କ ଜନ୍ମତିଥି ରେ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ପ୍ରଶସଂନୀୟ ବୋଲି କହିବା ସଙ୍ଗେ ସଙ୍ଗେ ମା ସୁରା ଦେଇ ଫ୍ରେଣ୍ଡସ କ୍ଲବକୁ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ସେହିପରି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଜେନା ଯୋଗ ଦେଇ ପ୍ରତି ବର୍ଷ ଏପରି କାର୍ଯ୍ୟକ୍ରମ କରିବା ଉଚିତ୍ ଯାହାଦ୍ୱାରା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ କ୍ଷ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଉର୍ବଶୀ ଦିଗାଲ, ତହସିଲଦାର ସୌମ୍ୟ ରଞ୍ଜନ ପାତ୍ର, ଅବସର ପ୍ରାପ୍ତ ଶିକ୍ଷକ ଯେଉଁମାନେ ଏହି କ୍ଲବ ର ପିଲାଙ୍କୁ ଶିକ୍ଷା ଦେଉଥିଲେ ସୁଶୀଳ ବେହେରା, ଦଶରଥ ପ୍ରଧାନ,ସ୍ୱତନ୍ତ୍ର ଅତିଥି ତଥା ସମାଜସେବୀ ବରିଷ୍ଠ ସାମ୍ବାଦିକ ସୁନୀଲ ବିଶ୍ୱାଳ,ଆଦିତ୍ୟ ପ୍ରସାଦ ତ୍ରିପାଠୀ ଆର ଆଇ ଜୟନ୍ତ ସାହୁ, କଳାକାର ଜଳନ୍ଧର ବେହେରା ସାମ୍ବାଦିକ ବଳଦେବ ବେହେରା, ଗୌର ଚରଣ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଭୂୟସୀ ପ୍ରଶଂସା କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ବୁଦ୍ଧିଆ ଗଣ୍ଡା,ସୁଧାଂଶୁ ବେହେରା, ଅଚ୍ୟୁତ ପ୍ରଧାନ ଜଗନ୍ନାଥ ଯାନୀ, ସୁଶୀଳ ବେହେରା, ପ୍ରଦୀପ ଦିଗାଲ, ରବିନ୍ଦ୍ର ବେହେରା, ସୁଶାନ୍ତ ପଣ୍ଡା, ଶୁଭେନ୍ଦୁ, ନୀଳାଞ୍ଚଳ,ପ୍ରଭାତ ବେହେରା,ତରଣୀ ସେନ ମଲିକ,ଅଶୋକ ବେହେରା, ହରିଶ୍ ଚନ୍ଦ୍ର ବେହେରା, ଜିତେନ୍ଦ୍ର ମଲିକ,ସାମ୍ବାଦିକ ମନୋଜ ବେହେରା ଓ ଫ୍ରେଣ୍ଡସ କ୍ଲବ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ।ଖଜୁରୀପଡା ସହର ବଣିକ ସଂଘ ସଭାପତି ମନୋଜ ପଣ୍ଡା ଓ ମାସୁରାଦେଇ ମହିଳା ଗ୍ରୁପ, ଆଶାକର୍ମୀ ଖଜୁରିପଡା, ମା ଶାରଳା ଗ୍ରୁପ,ଶ୍ରୀ ଲକ୍ଷ୍ମୀ, ଶୁଭଶ୍ରୀ ମହିଳା ଗ୍ରୁପ, ଜୟ ଜଗନ୍ନାଥ, ଗାନ୍ଧାରୀ ଗ୍ରୁପ ମଧ୍ୟ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ। ଖଜୁରିପଡା ସହର ଟି ପୁରା ସଫା କରିଥିଲେ।ଶେଷରେ ଫ୍ରେଣ୍ଡସ କ୍ଲବ ତରଫରୁ ଭୋଜନ ବ୍ୟବସ୍ଥା କରାଯାଇଥିଲା।ଏହିଭଳି କାର୍ଯ୍ୟକ୍ରମ ପାଇଁ ସହରର ବୁଦ୍ଧିଜୀବୀ ମାନେ ପ୍ରସଂଶା କରିଥିଲେ। ଫ୍ରେଣ୍ଡସ କ୍ଲବ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଓ ଫ୍ରେଣ୍ଡସ କ୍ଲବ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଖଜୁରୀପଡା ସହର ବଣିକ ସଂଘ ସଭାପତି ମନୋଜ ପଣ୍ଡା ଓ ମାସୁରାଦେଇ ମହିଳା ଗ୍ରୁପ, ଆଶାକର୍ମୀ ଖଜୁରିପଡା, ମା ଶାରଳା ଗ୍ରୁପ,ଶ୍ରୀ ଲକ୍ଷ୍ମୀ, ଶୁଭଶ୍ରୀ ମହିଳା ଗ୍ରୁପ, ଜୟ ଜଗନ୍ନାଥ, ଗାନ୍ଧାରୀ ଗ୍ରୁପ ମଧ୍ୟ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ। ଖଜୁରିପଡା ସହର ଟି ପୁରା ସଫା କରିଥିଲେ।ଶେଷରେ ଫ୍ରେଣ୍ଡସ କ୍ଲବ ତରଫରୁ ଭୋଜନ ବ୍ୟବସ୍ଥା କରାଯାଇଥିଲା।ଏହିଭଳି କାର୍ଯ୍ୟକ୍ରମ ପାଇଁ ସହରର ବୁଦ୍ଧିଜୀବୀ ମାନେ ପ୍ରସଂଶା କରିଥିଲେ।ଫ୍ରେଣ୍ଡସ କ୍ଲବ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି। ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି। ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ। ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି। ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି। ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
Bhubaneswar Friday October 04 | ଭୁବନେଶ୍ୱର ଶୁକ୍ରବାର, ଅକ୍ଟୋବର ୦୪,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


## ଜନଜାତି ସ୍ୱାସ୍ଥ୍ୟ ବିକାଶ ଓ ଯୁବ ସଶକ୍ତିକରଣ ନେଇ କିଟ୍, କିସ୍ ଓ ଜାପାଇଗୋ ମଧ୍ୟରେ ବୁଝାମଣା

ଭୁବନେଶ୍ୱର, (ପି.ଏନ): ଜନଜାତି ସ୍ୱାସ୍ଥ୍ୟ ବିକାଶ ଓ ଯୁବ ସଶକ୍ତିକରଣ ନେଇ କିଟ୍, କିସ୍ ଓ ଜାପାଇଗୋ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଟ୍ରାଇବାଲ୍ ହେଲ୍‌ଥ ରିସର୍ଚ୍ଚ ଇନୋଭେସନ୍ ଆଣ୍ଡ ଭୋକେସନାଲ୍ ଏମପାୱାରମେଣ୍ଟ (ଥ୍ରାଇଭ୍) ଶୀର୍ଷକ ବୁଝାମଣା ପତ୍ରରେ କିଟ୍ ବିଶ୍ୱବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଓ ଜାପାଇଗୋ ପକ୍ଷରୁ ଡ. ସୋମେଶ କୁମାର ସ୍ୱାକ୍ଷର କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣା ଦ୍ୱାରା ଜନଜାତି ଗବେଷଣା, ସଂସ୍କୃତି ସଂରକ୍ଷଣ ଓ ଯୁବ ସଶକ୍ତିକରଣ ଦିଗରେ କାର୍ଯ୍ୟ କରିବା ସହ ଜନଜାତି ବର୍ଗର ଲୋକଙ୍କ ମଧ୍ୟରେ ଜଟିଳ ରୋଗ ଓ ସାମାଜିକ ସମସ୍ୟା ଦୂର କରିବା ଲକ୍ଷ୍ୟ ରହିଛି। ଏହି ଅବସରରେ କିସ୍ ପରିସରରେ ଟ୍ରାଇବାଲ୍ ହେଲ୍‌ଥ ଆଣ୍ଡ ରିସର୍ଚ୍ଚ (ସିଟିଏଚ୍‌ଆର୍) ଓ ସେଣ୍ଟର ଫର ଯୁଥ୍ ଇନୋଭେସନ୍ ଆଣ୍ଡ ଇନକ୍ଲୁସିଭ୍‌ନେସ୍ (ସିୱାଇଆଇଆଇ) ଭଳି ଦୁଇଟି ଗବେଷଣା କେନ୍ଦ୍ର ଉନ୍ମୋଚିତ ହୋଇଥିଲା। ଏହି ଦୁଇ କେନ୍ଦ୍ର ଜରିଆରେ ଜନଜାତି ଓ ଯୁବ ବିକାଶ କାର୍ଯ୍ୟ ଉପରେ ଗବେଷଣା କରାଯିବ।ବୁଝାମଣା ସମ୍ପର୍କରେ ଏକ ଭିଡ଼ିଓ ବାର୍ତ୍ତାରେ ସୂଚନା ଦେଇ ଜାପାଇଗୋ ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଲେସ୍‌ଲି ମାନ୍‌କୁସୋ କହିଲେ, ଏହି ବୁଝାମଣା ଫଳରେ ଉଭୟ କିଟ୍ ଓ କିସ୍ ସହ ଜାପାଇଗୋ ଜନଜାତି ସ୍ୱାସ୍ଥ୍ୟର ବିକାଶ, ଶୈକ୍ଷିକ ଭାଗୀଦାରି ଓ ଦକ୍ଷତା ବୃଦ୍ଧି ଆଦି ଦିଗରେ ମିଳିତ ଭାବେ କାର୍ଯ୍ୟ କରିବେ। ଏହି ବୁଝାମଣା ଏକ ବୈଶ୍ୱିକ ଉଦାହରଣ ହେବ ଓ ଏହା ପରିବର୍ତ୍ତନର ଏକ ମଡେଲ୍ ହୋଇପାରିବ ବୋଲି ଲେସ୍‌ଲି କହିଥିଲେ। ଜାପାଇଗୋ ଗ୍ଲୋବାଲ୍ ପ୍ରୋଗ୍ରାମର ବରିଷ୍ଠ ଉପସଭାପତି ତଥା ଦେବୋରା ବୋସମେୟର କହିଲେ, ଏହି ବୁଝାମଣା ଦ୍ୱାରା ଯୁବଗୋଷ୍ଠୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଚାରଗତ କ୍ଷେତ୍ରରେ ଭବିଷ୍ୟତରେ ଆସିବାକୁଥିବା ଥିବା ସମସ୍ୟା ଓ ସମାଧାନ ଏହି କେନ୍ଦ୍ର ଦ୍ୱାରା କରାଯାଇପାରିବେ। ଡ. ସୋମେଶ କୁମାର କହିଲେ, ଏହି ଦୁଇଟି କେନ୍ଦ୍ର ଖୋଲାଯିବା ଦ୍ୱାରା ଜନଜାତି ସମାଜର ବ୍ୟାପକ ବିକାଶ ହୋଇପାରିବ।



## ବାଇକ୍ ଓ ସାଇକେଲ ଚୋରଙ୍କ ଭୂସ୍ୱର୍ଗ ପାଲଟିଛି ପାରାଦୀପ

ପାରାଦୀପ,(ପି.ଏନ):ପାରାଦୀପ ସହରରେ ଦିନକୁ ଦିନ ବାଇକ୍ ଓ ସାଇକେଲ୍ ଚୋରିର ଶୀକାର ହେଉଛନ୍ତି ସାଧାରଣ ଜନତା ଓ ଛାତ୍ରଛାତ୍ରୀ । ପାରାଦୀପ ସହରର ବିଜୟା ମାର୍କେଟ୍, ମଧୁବନ କଲୋନୀ ଅଂଚଳ, ନୂଆବଜାର କଲୋନୀ ଅଂଚଳ, ବିଭିନ୍ନ ଶିକ୍ଷାନୁଷ୍ଠାନ ସମ୍ମୁଖରେ ପ୍ରତିଦିନ ସାଇକେଲ ଓ ବାଇକ୍ ଚୋରୀ ସଂଖ୍ୟା ବଢ଼ିବାରେ ଲାଗିଛି । ଏପରିକି ଲୋକଙ୍କ ଘର ଆଗରୁ ମଧ ଚୋରି ହେଉଥିବା ନେଇ ସୂଚନା ମିଳିଛି । ଶିକ୍ଷାନୁଷ୍ଠାନ ଓ ଟ୍ୟୁସନ୍‌କୁ ଛାତ୍ରଛାତ୍ରୀମାନେ ପ୍ରତିଦିନ ସାଇକେଲ୍ ଯୋଗେ ଆସିଥାନ୍ତି । ଏହି ଲୁଟେରା ସ୍କୁଲ ଆଗରୁ, ଟ୍ୟୁସନ୍ ହେଉଥିବା ଘର ଆଗରୁ ଅନାୟସରେ ଛାତ୍ରଛାତ୍ରୀମାନଙ୍କ ସାଇକେଲ ଲୁଟ୍ କରି ଫେରାର ହୋଇଯାଉଛନ୍ତି । ଯାହା ଫଳରେ କୋମଳମତି ଛାତ୍ରଛାତ୍ରୀଙ୍କ ମନରେ କୁଠାରଘାତ କରୁଛି । ପାଠ ପଢୁଥିବା ପିଲାମାନେ ସାଇକେଲ ଚୋରୀକୁ ନେଇ ଗଭୀର ମାନସିକ ଚାପରେ ରହୁଛନ୍ତି । ପାରାଦୀପ ନୂଆବଜାର ଅଂଚଳରେ ଥିବା ଏକ ଶିକ୍ଷାନୁଷ୍ଠାନରୁ ସାଇକେଲ ଚୋରି ନେଇ ଥାନାରେ ଅଭିଯୋଗ ପରେ ବି ନା ମିଳିଛି ସାଇକେଲ ନା ଧରା ପଡିଛି ଲୁଟେରା ।

## ବିଜେପି ଠାକୁରଗଡ଼ ମଣ୍ଡଳ ସଭାପତି ଗଗନ ବାରିକ ଙ୍କର ବିୟୋଗ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ସମେତ ଜିଲ୍ଲା ବିଜେପି ର ଶୋକ

ଅନୁଗୁଳ ,(ପି.ଏନ): ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବିଧାନସଭା କ୍ଷେତ୍ରର ଠାକୁର ଗଡ଼ ମଣ୍ଡଳ ସଭାପତି ଗଗନ ବିହାରୀ ବାରିକ ଙ୍କର ୫୬ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି ।ବିଜେପି ସଂଗଠନ କୁ ସୁଦୃଢ଼ କରିବା ପାଇଁ ସେ ଅହରହ ଉଦ୍ୟମ କରୁଥିଲେ । ତାଙ୍କରି ମୃତ୍ୟୁ ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକଟ କରିଛନ୍ତି ।ଆଠମଲ୍ଲିକ ଅଞ୍ଚଳର ଆମ ଦଳର ବରିଷ୍ଠ ନେତା ଗଗନ ବାରିକ ଙ୍କର ଅକାଳ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ସ୍ଥାନୀୟ ଅଞ୍ଚଳରେ ଆମ ଦଳର ସଂଗଠନକୁ ମଜଭୁତ୍ କରିବାରେ ତାଙ୍କର ବିଶେଷ ଅବଦାନ ରହିଛି । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ କରି ପ୍ରକାଶ କରିଛନ୍ତି ।ସେହିଭଳି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୁଳ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଏନ ଏସ ଆଇ ସି ଡାଇରେକ୍ଟର କାଳନ୍ଦି ସାମଲ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ଅନୁଗୁଳ ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ଶୋକ ପ୍ରକଟ କରିଛନ୍ତି । ମଣ୍ଡଳ ସଭାପତି ଗଗନ ବାରିକ ଙ୍କର ଦେହାନ୍ତ ରେ ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ଏକ ଶୋକସଭା ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ହୋଇଯାଇଛି ।ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା ।ଶୋକ ସଭାରେ ଦିଲେଶ୍ୱର ପ୍ରଧାନ ଙ୍କ ସମେତ ପ୍ରାକ୍ତନ ବିଧାୟକ ରମେଶ ସାଏ, ବରିଷ୍ଠ ନେତା ଦିଲ୍ଲୀପ ପ୍ରଧାନ, ବିଶ୍ୱଜିତ ମିଶ୍ର, ବିଶ୍ୱରଂଜନ ପ୍ରଧାନ, ଚିତ୍ତରନ ମେହେର, ପ୍ରଭାତ ପ୍ରଧାନ, ଅମୀୟ ତ୍ରିପାଠୀ, ଅର୍ଜୁନ ମୁଦୁଲି, ପର୍ଶୁରାମ ବାରିକ, ସୁଦୀପ୍ତ ସ୍ୱାଇଁ, ସିଦ୍ଧାର୍ଥ ରାଉତରାୟ ଙ୍କ ସମେତ ବହୁ ଜିଲ୍ଲା ପଦାଧିକାରୀ ଉପସ୍ଥିତ ଥିଲେ ।






## ଜ୍ୟୋର୍ତିପୀଠ ପୂଜ୍ୟ ଶଙ୍କରାଚାର୍ଯ୍ୟ ଭୁବନେଶ୍ୱରରେ ୬ ତାରିଖରେ ଗୋଧ୍ୱଜା ସ୍ଥାପନ କରିବେ

ଭୁବନେଶ୍ୱର,(ପି.ଏନ) : ଗୋ ପତାକା ସ୍ଥାପନ, ଗୋମାତାକୁ ରାଷ୍ଟ୍ରମାତା ଭାବେ ଘୋଷଣା କରିବା ଓ ଗୋବଧକୁ ଭାରତବର୍ଷରେ ନିଷେଧ କରିବାକୁ ଜ୍ୟୋର୍ତିପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦଜୀ ମହାରାଜ ଆସନ୍ତା ଅକ୍ଟୋବର ୬ ତାରିଖ ରବିବାର ଦିନ ଭୁବନେଶ୍ୱରରେ ପହ ୍, ମେ ଶ୍ୱରସ୍ଥ ରେଳବାଇ ଇନ୍‌ଡୋର ଷ୍ଟାଡିୟମ ଠାରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଗୋଭକ୍ତ, ଗୋସେବକ ଓ ଧର୍ମପ୍ରେମୀ ସଜ୍ଜନମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୬୬ ମସିହାରେ ଧର୍ମସମ୍ରାଟ ସ୍ୱାମୀ ଶ୍ରୀ କରପତ୍ରୀଜୀ ମହାରାଜ ଯେଉଁ ଗୋରକ୍ଷା ଆନ୍ଦୋଳନର ସୂତ୍ରପାତ କରିଥିଲେ, ସ୍ୱାମିଜୀ ସେହି ଆନ୍ଦୋଳନକୁ ଆଗକୁ ବଢାଇବା ପାଇଁ ସେପ୍ଟେମ୍ବର ୨୨ ତାରିଖରୁ ଅକ୍ଟୋବର ୨୬ ତାରିଖ ପର୍ଯ୍ୟ' ସାରା ଭାରତବର୍ଷର ୩୩ଗୋଟି ରାଜ୍ୟ ପରିକ୍ରମା କରିବେ। ଆପଣମାନଙ୍କୁ ସୂଚନା ଦେବାକୁ ଚାହୁଁଛୁ ଯେ, ଗୋମାତାଙ୍କ ପାଇଁ ସ୍ୱାମିଜୀ ମହାରାଜ ଗତ କିଛିଦିନ ତଳେ ବୃନ୍ଦାବନ ଠାରୁ ଖାଲି ପାଦରେ ଦିଲ୍ଲୀ ପର୍ଯ୍ୟ' ପଦଯାତ୍ରା କରିଥିଲେ। ଆଜି ଗୁରୁବାର ସନ୍ଧ୍ୟାରେ ସତ୍ୟନଗରଠାରେ ପ୍ରସ୍ତୁତି କମିଟିର ଶେଷ ବୈଠକ ସ୍ୱାଗତ କମିଟିର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜ୍ୟୋର୍ତିପୀଠର ପ୍ରତିନିଧି ବ୍ରହ୍ମଚାରୀ ଚିତ୍ ପ୍ରକାଶ, ସ୍ୱାଗତ କମିଟିର ଉପାଧକ୍ଷ ଡଃ କରୁଣାକର ପ୍ରଧାନ, ଡଃ ବି.ସି ମେନନ୍, ଶ୍ରୀଜଗନ୍ନାଥ ଧର୍ମପ୍ରଚାରକ ଶ୍ରୀ ଅରବିନ୍ଦ ବିଶ୍ୱାଳ, ପୂର୍ବତନ କୁଳପତି ଡଃ ହରେକୃଷ୍ଣ ଶତପଥୀ, ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର, ଗୋସେବକ କମଲ ଅଗ୍ରୱାଲ, ପୱାନ ଗୁପ୍ତା, ଜ୍ଞାନଚନ୍ଦ ନହର, ମନୋଜ ଡୁଗର, ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ସ୍ୱାଗତ ରାଉତରାୟ, ଆଡ୍‌ଭୋକେଟ ଶା'ନୁ ସାହୁ, ସମାଜସେବୀ କୈଳାସ ମିଶ୍ର, ପ୍ରଜ୍ଞାରାଜ ପ୍ରଧାନ ପ୍ରମୁଖ ୬ ତାରିଖ କାର୍ଯ୍ୟକ୍ରମର ସଫଳତା ବିଷୟରେ ବିଶେଷ ଭାବେ ଆଲୋଚନା କରିଥିଲେ। ବାସ୍ତୁବିତ ଡଃ ମନୋଜ ଲେଙ୍କା ସ୍ୱାମିଜୀଙ୍କୁ ଓଡ଼ିଶା ରାଜ୍ୟ ତରଫରୁ ସମ୍ବର୍ଦ୍ଧନା ଦେବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖିଥିଲେ।କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱାଗତ କମିଟିର ଉପାଧକ୍ଷ କର୍ପୂରେତନ ଆଇଜି ଶ୍ରୀ ଅରୁଣ କୁମାର ଉପାଧ୍ୟାୟ, ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି।



## ରାୟଗଡା ଜିଲ୍ଲା ର ସ୍ଥାନୀୟ ବେକାର ଯୁବକ ଓ ଶ୍ରମିକ ମାନଙ୍କୁ ଖଣି ଖାଦାନ ଓ ଶିଳ୍ପସଂସ୍ଥା ମାନଙ୍କରେ ୮୦% କର୍ମନିଯୁକ୍ତି ସଂରକ୍ଷଣ ପାଇଁ ଦାବୀ

ମୁନିଗୁଡା,(ପି.ଏନ) : ରାୟଗଡା ଜିଲ୍ଲା ମୁନିଗୁଡାସ୍ଥିତ ପାତ୍ରପଡା- ଭୈରବି ମନ୍ଦିର ଠାରେ ଆଜି ନିଖିଳ ଉତ୍କଳ ଗ୍ରାମିଣ ଚାଷୀ ମୂଳିଆ ସଂଘର ରାୟଗଡା ଜିଲ୍ଲା କର୍ମକର୍ତ୍ତା ସମ୍ମିଳନୀ ଜିଲ୍ଲା ସଭାପତି ଶ୍ରୀ ଭବାନିଶଙ୍କର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ସାଂଗଠନିକ ସମ୍ପାଦକ ଓ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ଥାନୀୟ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ସେମାନଙ୍କ ଯୋଗ୍ୟତା ଅନୁସାରେ ଜିଲ୍ଲାରେ ଗ ? ଉଠିଥିବା ଖଣି ଖାଦାନ ଓ କଳକାରଖାନା ମାନଙ୍କରେ ୮୦ ପ୍ରତିଶତ କର୍ମନିଯୁକ୍ତି ଦିଆଯିବାକୁ ସରକାର ଙ୍କ ପାଖରେ ଦାବୀ କରିଛନ୍ତି କାରଣ କାମ ଧନ୍ଦାର ଅଭାବରୁ ଜିଲ୍ଲାରୁ ରାଜ୍ୟ ବାହାରକୁ ଶ୍ରମିକ ଦାଦନ ଖଟିଯିବାକୁ ବାଧ ହେଉଛନ୍ତି ବୋଲି ଦର୍ଶାଇଥିଲେ । ଏହା ସହିତ ବେଦାନ୍ତ ଆଲୁମିନାର ନିର୍ଗତ ବର୍ଜ୍ୟ ବସ୍ତୁ ଗଚ୍ଛିତହେଉଥିବା ରେଡମଡ଼ ପଣ୍ଡ ର ବନ୍ଧ ଭାଙ୍ଗି କଷ୍ଟିକ ସୋଡ଼ା ଭଳି ବର୍ଯ୍ୟ ?ତବସ୍ତ ସ୍ଥାନୀୟ ଚାଷ ଜମିକ ଓ ବଂଶଧାରା ନଦୀରେ ପ୍ରଭାହିତ ଯୋଗୁଁ ସଂପୂର୍ଣ୍ଣ ଚାଷ ଉଜିଡି ଯିବା ସହିତ ଚାଷ ପାଇଁ ଉପରୋକ୍ତ ଜମି ଅନୁପଯୋଗୀ ହୋଇ ପଡିଛି । ତେଣୁ ଏହାକୁ ରାଜ୍ୟ ସରକାର ତଦନ୍ତକରିବା ସହ ଚାଷ ଓ ଚାଷୀଙ୍କୁ ଜମି ମୂଲ୍ୟ ର ୧୦ ଗୁଣ କ୍ଷତିପୂରଣ ପ୍ରଦାନ ଓ ନଦୀଜଳ ବର୍ତ୍ତମାନ ବ୍ୟବହାର ଅନୁପଯୋଗୀ ହୋଇଥିବାରୁ ଏହାର ତଦନ୍ତ ସହ ସ୍ଥାନୀୟ ଅଧିବାସୀଙ୍କୁ ସହାୟତା ପ୍ରଦାନ ପାଇଁ ଶ୍ରୀ ନାୟକ ଦାବୀ କରିଛନ୍ତି ।ଏହାର ସମାଧାନ ନହେଲେ ଆଗାମୀ ଦିନରେ ସଂଗଠନ ଆନ୍‌ଦୋଳନ କରିବାସହ ଗ୍ରୀନ ଟ୍ରିବୁନାଲ ର ଆଶ୍ରୟ ନବ କ୍ଷଏହି ବୈଠକରେ ସମ୍ମାନିତ ଅତିଥି ଭାବରେ ବଲାଙ୍ଗିର ଜିଲ୍ଲା ସଭପତି କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ରାୟଗଡା ଭଳି ସମ୍ବେଦନଶୀଳ ଜିଲ୍ଲାରେ ଶ୍ରମିକ କଲ୍ୟାଣ ଯୋଜନା ଓ ଶ୍ରମିକଙ୍କ ସାମାଜିକ ସୁରକ୍ଷା ପ୍ରଶାସନିକ ଅପାରଗତା ଯୋଗୁଁ ଶ୍ରମିକ ପାଇ ପାରୁନାହ୍ ?ତି । ଜିଲ୍ଲା ବାହାରକୁ ଯାଉଥିବା ପ୍ରବାସୀ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ ଯୋଜନାରେ ପଞ୍ଜିକରଣ କରିବକୁ ବାଧତାମୂଳକ ହୋଇଥିଲେ ହେଁ ସଚେତନାର ଅଭାବ ଯୋଗୁଁ ଏହା ସମ୍ଭବ ହେଉନାହିଁ, ବର୍ତ୍ତମାନ ଯେଉଁ ସହକାରୀ ଶ୍ରମ ଅଧିକାରୀ ମୁନିଗୁଡା ବ୍ଲକ କାର୍ଯ୍ୟାଳୟକୁ ଆସି ଏ ସମସ୍ତ ସୁବିଧା ସୁଯୋଗ ପାଇଁ ଶ୍ରମିକଙ୍କ ସହାୟତା କରିବା କଥା ସେ ରାୟଗଡା ଜିଲ୍ଲା ଅଫିସରେ ବସି ଖଟିଖିଆ ଗରିବ ନିରିହ ଶ୍ରମିକଙ୍କୁ ହଇରାଣ ହରକତ ଓ କ୍ଷତିଗ୍ରସ୍ତ କରିବା ସହିତ ଉପହାସ କରୁଛନ୍ତି ତେଣୁ ତୁରନ୍ତ ଶ୍ରମିକଙ୍କୁ ଏ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଦରକାର ବୋଲି ମତ ଦେଇଥିଲେ, ଅନ୍ୟତମ ଅତିଥି ଭାବରେ ରାଜ୍ୟ ଯୁଗ୍ମ ସଂପାଦକ ଅଜୟ କୁମାର ପାଇକରାୟ ଯୋଗଦେଇ ସରକାରଙ୍କ ଶ୍ରମିକ ବିରୋଧି ନିତୀ ଓ ପ୍ରଶାସନିକ ଅପରାଗତା ଯୋଗୁଁ ଶ୍ରମିକମାନେ ନିଜ ଅଧିକାର ଓ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି ତେଣୁ ରାୟଗଡା ଜିଲ୍ଲାରେ ଶ୍ରମିକଙ୍କ ମହା ସଂଗ୍ରାମ ଆଗକୁ ଦେଖିବାକୁ ମିଳିବ ବୋଲି ମତ ରଖିଥିଲେ । ଜିଲ୍ଲା କାର୍ଯ୍ୟକାରୀ ସଭାପତି ଚନ୍ଦ୍ର ଶେଖର ବେହେରା ଚାଷ ଓ ଚାଷୀଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ଯୋଗୁଁ ଚାଷରେ ବ୍ୟବହୃତ ସାର, ବିହନ, ଔଷଧ କ୍ଷେତ୍ରରେ ଅନିୟମିତା ଦେଖିବାକୁ ମିଳୁଛି । ତଦନ୍ତ ବାଟ ହୁଡି ଯାଉଛି ତେଣୁ ଚାଷୀ ଓ ଶ୍ରମିକ ଶୋଷଣ ବିରୁଦ୍ଧରେ ଏକ ବିରାଟ ଆନ୍‌ଦୋଳନ କରାଯିବା ଦରକାର ବୋଲି ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଳରାମ କୁଚ଼ା, ନିଳାମ୍ବର ବିହାର, କୁନାଲ ଅମର ବାରିକ ଓ ଅନ୍ୟାନ୍ୟ ଜିଲ୍ଲା ବ୍ଲକ କର୍ମକର୍ତ୍ତା ଯୋଗଦେଇଥିଲେ । ସଭାଶେଷରେ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ଜିଲ୍ଲା ଉପସଭାପତି ବଳରାମ କୁସୁଲିଆ ଧନ୍ୟବାଦ ଅର୍ପଣ କରିଥିଲେ ।




ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray